ସଂଖ୍ୟା ତିଆରି କର : ....., ......., ......

....., ......., ......

ସାନରୁ ବଡ଼ କ୍ରମରେ : ....., ......., ......

....., ......., ......

ପ୍ର୨. ଦିଆଯାଇଥିବା ସଂଖ୍ୟାରେ ପଚରା ଯାଇଥିବା ଅଙ୍କର ମୂଲ୍ୟ ଲେଖ ।

୨୬୭ ରେ ୬ର ସ୍ଥାନୀୟ ମାନ = ☐

୩୦୫ ରେ ୩ର ସ୍ଥାନୀୟ ମାନ = ☐

୬୦୯ ରେ ୦ର ସ୍ଥାନୀୟ ମାନ = ☐

୭୮୯ ରେ ୭ର ସ୍ଥାନୀୟ ମାନ = ☐

୫୯୬ ରେ ୯ର ସ୍ଥାନୀୟ ମାନ = ☐

ପ୍ର୩. ସମାଧାନ କର ।

```
   ୯ ୧ ୭          ୯ ୦ ୦
 + [    ]       − [    ]
 ---------      ---------
 ୧ ୧ ୦ ୫          ୩ ୭ ୯
 ---------      ---------

   ୬ ୫ ୭        ୪) ୮ ୨ ୮ ୪(
   X   ୮
 ---------
 ---------
```

ପ୍ର୪. ମାପକରି ଲେଖ ।

- ଗୋଟିଏ ବର୍ଗାକାର ଟେବୁଲ୍‌ର ପ୍ରତ୍ୟେକ ବାହୁ ୨୫ ସେ.ମି ହେଲେ, ଟେବୁଲ୍‌ର ଚତୁଃପାର୍ଶ୍ୱ ମାପ କେତେ ହେବ ? ☐
- ଗୋଟିଏ ଆୟତକ୍ଷେତ୍ର ବିଶିଷ୍ଟ ପୁସ୍ତକର ଲମ୍ବ ୩୦ସେ.ମି ଓ ଚଉଡ଼ା ୨୦ସେ.ମି ହେଲେ, ବହିର ଚାରିପାଖର ମାପ କେତେ ସେ.ମି ହେବ ? ☐
- ଗୋଟିଏ ଆୟତକ୍ଷେତ୍ର ବିଶିଷ୍ଟ ଝରକାର ପ୍ରତ୍ୟେକ ବାହୁର ମୋଟ୍ ଲମ୍ବ ମାପି ଲେଖ । ☐

ପ୍ର୫. ଆସ ଦେଖିବା ଯାତ୍ରା କରିବା ସମୟରେ ଆମେ କେତେ ଦୂର ପର୍ଯ୍ୟନ୍ତ ଯାଇପାରିବା ।




- ଦିଲ୍ଲୀରୁ ବନାରସର ଦୂରତା କେତେ କିଲୋମିଟର ?
- ପାଟଣାରୁ ବରେଲୀ କେତେ କିଲୋମିଟର ?
- ଦିଲ୍ଲୀରୁ ପାଟଣାର ଦୂରତା କେତେ କିଲୋମିଟର ?
- ଦିଲ୍ଲୀରୁ ପାଟଣା ଆସିବା ସମୟରେ ସବୁଠାରୁ ପାଖ ଦ୍ୱିତୀୟ ଷ୍ଟପେଜ୍ କେଉଁଟି ?

ପ୍ର୬. ସୁରେଶ ପ୍ରଥମ ଦିନ ୧୫୦ଟଙ୍କା, ଦ୍ୱିତୀୟ ଦିନ ୨୬୩ ଟଙ୍କା ଓ ତୃତୀୟ ଦିନ ୧୪୭ ଟଙ୍କା ସଂଚୟ କଲା । ତା'ର ୯୮୦ଟଙ୍କାର ଗୋଟିଏ ଘଣ୍ଟା କିଣିବାର ଥିଲା । ତେବେ କୁହ, ତାକୁ ଆଉ କେତେ ଟଙ୍କା ଦରକାର ହେବ ?

ସମାଧାନ :

ପ୭. ସୋହନ ପାଖରେ ୬୨୭ ଟଙ୍କା ଅଛି । ତାର ୩ ଗୁଣରୁ ୭୫ କମ୍ ଟଙ୍କା ରଞ୍ଜିତ ପାଖରେ ଅଛି । ତେବେ କୁହ, ରଞ୍ଜିତ ପାଖରେ କେତେ ଟଙ୍କା ଅଛି ?

ସମାଧାନ :

ଦଳର ନାମ : ତାରିଖ :

ସ୍କୁଲ୍‌ର ନାମ : ଦଳର ପିଲାଙ୍କ ନାମ :

# ପରିବା ମାନଙ୍କର ବନ୍ଧୁତା

ରଘୁ ସବୁଦିନ ବଜାରକୁ ପରିବା ବିକ୍ରି କରିବାକୁ ଯାଏ । ତା'ପାଖରେ ଆଳୁ, ଭେଣ୍ଡି, ବାଇଗଣ ଓ ଅନ୍ୟ ପରିବା ମଧ୍ଯ ଅଛି । ସବୁ ପରିବା ମଧ୍ୟରେ ଭଲ ବନ୍ଧୁତା ରହିଛି । କିନ୍ତୁ ସବୁଦିନ ଜଣେ ଅନ୍ୟଜଣଙ୍କ ଠାରୁ ଅଲଗା ହେବାର ଡର ସେମାନଙ୍କୁ ବ୍ୟତିବ୍ୟସ୍ତ କରିଛି । ଦିନେ ଭେଣ୍ଡି ଉଦାସ ହୋଇ କହିଲା, ଆଜି ଯଦି ମୁଁ ତୁମ ମାନଙ୍କଠାରୁ ଦୂରକୁ ଚାଲିଯିବି ତେବେ ? ଆଳୁ କହିଲା, "ନାହିଁ ଭଉଣୀ ଏପରି ହେବ ନାହିଁ ।" ବାଇଗଣ ଓ ଲାଉ ଏକା ସାଙ୍ଗରେ କହିଲେ, "ଚିନ୍ତା କରନାହିଁ, ସବୁ ଠିକ୍ ହୋଇଯିବ । ସମସ୍ତେ ହସିଦେଲେ । ସେତେବେଳେ ଲାଉ ପାଟି କରି କହିଲା, "ଆରେ ! ଦେଖ କୁନି ଜେଜେମାଆ ଆସିଲେଣି ।" ସମସ୍ତଙ୍କ କାନ ଠିଆ ହୋଇଗଲା । ଜେଜେମାଆ ପଚାରିଲେ, ଆଳୁ ଦାମ୍ କେତେ ଅଛି ? ଦୋକାନୀ ରଘୁ କହିଲା, "ଜେଜେମାଆ, କିଲୋ ପ୍ରତି ୨୦ଟଙ୍କା ।" ଆଳୁ ଡରିଗଲା । ଜେଜେମାଆ କହିଲେ, "ଏକ କିଲୋ ଦେଇଦିଅ ।" ଦୋକାନୀ ଆଳୁ ଓଜନ କଲା । ଭେଣ୍ଡି, ଲାଉ ଓ ବାଇଗଣ ବହୁତ ଚେଷ୍ଟା କଲେ ମଧ୍ଯ ଆଳୁକୁ ଯିବାରୁ ଅଟକାଇ ପାରିଲେ ନାହିଁ । ଜେଜେମାଆ ଆଗକୁ ଯାଇ ହଠାତ୍ ପଛକୁ ବୁଲିଲେ ଓ କହିଲେ, "ଆଚ୍ଛା ମୋତେ ସବୁ ପରିବାରୁ ଏକ ଏକ କିଲୋ ଦେଇଦିଅ ।" ଏହା ଶୁଣି ଥଳିରେ ପଡ଼ିଥିବା ଆଳୁର ଚେହେରା ଉଜ୍ଜ୍ୱଳ ଦିଶିଲା । ଆଳୁ, ଭେଣ୍ଡି, ଲାଉ ଆଉ ବାଇଗଣ ସାଙ୍ଗ ହୋଇ ଥଳୀରେ ଡିଆଁ ଡେଇଁ କରି କରି ଜେଜେମାଆଙ୍କ ଘରକୁ ଚାଲିଲେ ।



ଲେଖକ- ପୂଜା ଗୌଡ଼ ଚିତ୍ରକାର - ନିଲେସ୍ ଗହଲୋଦା

ନୋଟ୍- ଦଳରେ କାହାଣୀ ପଢ଼ି ଆଲୋଚନା କର, ପ୍ରଶ୍ନ ତିଆରି କର ଓ ଜଣେ ଅନ୍ୟଜଣକୁ ପଚାର ।

# ପରିବା ମାନଙ୍କର ବନ୍ଧୁତା

**ଦିଆଯାଇଥିବା ପ୍ରଶ୍ନ ଉପରେ ଦଳରେ ଆଲୋଚନା କର ଓ ଉତ୍ତର ଲେଖ ।**

ପ୍ର. ୧ - ଭେଣ୍ଡି କାହିଁକି ଉଦାସ ଥିଲା ?

---------------------------------------------------------------

---------------------------------------------------------------

ପ୍ର. ୨ -ଆଳୁର ଚେହେରା କାହିଁକି ଉଜ୍ଜ୍ୱଳ ଦିଶିଲା ?

---------------------------------------------------------------

---------------------------------------------------------------

ପ୍ର. ୩-ତୁମକୁ କେଉଁ କେଉଁ ପରିବା ଖାଇବାକୁ ପସନ୍ଦ ଲାଗେ ନାହିଁ ଓ କାହିଁକି ?

---------------------------------------------------------------

---------------------------------------------------------------

ପ୍ର. ୪ - ଜେଜେମାଆଙ୍କ ଘରକୁ ଯିବା ବାଟରେ ସବୁ ପରିବା କ'ଣ କ'ଣ କଥା ହେଉଥିବେ?

---------------------------------------------------------------

---------------------------------------------------------------

ପ୍ର. ୫ -ଆମେ ସବୁଜ ପରିବା କାହିଁକି ଖାଇବା ଉଚିତ୍ ? ତୁମ ମତାମତ ଦିଅ ।

---------------------------------------------------------------

---------------------------------------------------------------

**ସୂଚନା ସଂଗ୍ରହ କର ଓ ଲେଖ -**

ପ୍ର. ୬- ତୁମ ଗାଁରେ କି କି ପରିବା ଚାଷ କରାଯାଏ ? ସୂଚନା ସଂଗ୍ରହ କର ଓ ତା'ର ଏକ ତାଲିକା ପ୍ରସ୍ତୁତ କର ।

---------------------------------------------------------------

---------------------------------------------------------------

# ସଂଖ୍ୟାଗୁଡ଼ିକର ଖେଳ



ଦଳର ନାମ : ତାରିଖ :

ସ୍କୁଲ୍‌ର ନାମ : ଦଳର ପିଲାଙ୍କ ନାମ :

ପ୍ର୧. ମୂଲ୍ୟ ଲେଖ ।

(କ) ତିନି ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟାରୁ ଏକ ଅଙ୍କ ବିଶିଷ୍ଟ ସବୁଠାରୁ ସାନ ସଂଖ୍ୟାକୁ ବିୟୋଗ କଲେ କେଉଁ ସଂଖ୍ୟାଟି ମିଳିବ ? ☐

(ଖ) ତିନି ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟାରୁ ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ସାନ ସଂଖ୍ୟାକୁ ବିୟୋଗ କଲେ କେଉଁ ସଂଖ୍ୟାଟି ମିଳିବ ? ☐

(ଗ) ଚାରି ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ସଂଖ୍ୟାଟି ଲେଖ । ☐

ପ୍ର୨. ସଂଖ୍ୟାର କ୍ରମକୁ ବୁଝି ଖାଲି ସ୍ଥାନ ପୂରଣ କର ।

୧୦୦, ୨୦୦, ☐ , ୪୦୦

୨୦୦, ୪୦୦, ☐ , ୮୦୦

୧୦୦୦, ☐ , ୮୦୦, ୭୦୦, ☐

୨୦, ୬୦, ୧୮୦, ☐ , ୧୬୨୦

୨୪୬, ୨୫୦, ☐ , ୨୫୮, ୨୬୨

ପ୍ର୩. ସମାଧାନ କର ।

୩୫ + ୨୫ = ୩୦ + ☐

୮୫ + ୭୫ = ୬୫ + ☐

୭୫ − ୩୫ = ୮୫ − ☐

୧୩୦ X ୪ = ☐

୧୬୦ ÷ ୮ = ☐

ପ୍ର୪. ସମାଧାନ କର ।

(କ) ୪ X ☐ = ୧୨୮

(ଖ) ୭ X ☐ = ୨୨୭୫

(ଗ) ☐ X ୫ = ୩୦୬୫

(ଘ) ୨୪୦ ÷ ☐ = ୮

(ଙ) ୧୩୪୪ ÷ ☐ = ୪

ପ୍ର ୫.

| ସାହୁ ତେଜରାତି ଦୋକାନ | |
|---|---|
| ବସ୍ତୁ | ମୂଲ୍ୟ (କି.ଗ୍ରା ପ୍ରତି) |
| ଚାଉଳ | ୩୫ ଟଙ୍କା |
| ଡାଲି | ୮୦ ଟଙ୍କା |
| ଚିନି | ୪୫ ଟଙ୍କା |
| ଲୁଣ | ୨୫ ଟଙ୍କା |
| ସୋରିଷ ତେଲ | ୨୦୦ ଟଙ୍କା |
| ଅଟା | ୨୮ ଟଙ୍କା |
| ଗହମ | ୨୦ ଟଙ୍କା |



- ତାଲିକାରେ ଥିବା ସବୁଠାରୁ ଦାମି ବସ୍ତୁ କେଉଁଟି ?
- ଚାଉଳ ଅପେକ୍ଷା ସୋରିଷ ତେଲର ଦାମ୍ କେତେ ଅଧିକ ?
- ୩ କି.ଗ୍ରା ଚିନି ଓ ୫ କି.ଗ୍ରା ଅଟାର ମୂଲ୍ୟ ମିଶି କେତେ ?
- ୮ କି.ଗ୍ରା ଗହମ କିଣିବା ଦ୍ୱାରା ଦୋକାନୀ ୫୦୦ ଟଙ୍କାରୁ କେତେ ଟଙ୍କା ଫେରାଇବ ?

ପ୍ର୬. ଗୋଟିଏ ଗାଁରେ ମୋଟ୍ ୧୫୨୫ ଜଣ ଲୋକ ରହନ୍ତି । ସେଥି ମଧ୍ୟରୁ ୬୨୬ ଜଣ ପୁରୁଷ ତଥା ୫୮୭ ଜଣ ମହିଳା । ତେବେ କୁହ, ଏହି ଗାଁରେ କେତେ ଜଣ ପିଲା ଅଛନ୍ତି ?

ସମାଧାନ :

ପ୍ର୭. ସକିଲ୍ ୪ ପ୍ୟାକେଟ୍ ଚକୋଲେଟ୍ କିଣିଲା । ପ୍ରତ୍ୟେକ ପ୍ୟାକେଟ୍‌ରେ ୮୦ଟି ଚକୋଲେଟ୍ ଅଛି । ଚକୋଲେଟ୍‌କୁ ୮ଜଣ ସାଙ୍ଗ ମଧ୍ୟରେ ସମାନ ଭାବରେ ବାଣ୍ଟିଦେଲେ ପ୍ରତ୍ୟେକ ସାଙ୍ଗ କେତୋଟି ଲେଖାଏଁ ଚକୋଲେଟ୍ ପାଇବେ ?

ସମାଧାନ :

ଦଳର ନାମ : ତାରିଖ :

ସ୍କୁଲ୍‌ର ନାମ : ଦଳର ପିଲାଙ୍କ ନାମ :




ରବିବାର ଦିନ ଚିକୁ ଗାଧୋଇ ପାଧୋଇ ଘରୁ ବାହାରିଲା । ଗଳି ମୁଣ୍ଡରେ ସବୁ ସାଙ୍ଗମାନେ ତାକୁ ଅପେକ୍ଷା କରିଥିଲେ । ବୁଢ଼ୀ ଜେଜେମାଆ ଗୁଣୁଗୁଣୁ ହେଲେ, ଜଣାନାହିଁ ଆଜି ଏହି ଦଳ ମିଶି କ'ଣ ବୁଦ୍ଧି ଶିଖାଇବେ ?" ଚିକୁ ଓ ତା'ର ସବୁ ସାଙ୍ଗମାନେ ଗୋଟିଏ ବଗିଚାରେ ପହଞ୍ଚିଲେ । ବଗିଚାର ନାମ "ଭୂତ ବଗିଚା" ଥିଲା ।

ସେହି ବଗିଚାକୁ ଲୋକମାନେ ଯିବାପାଇଁ ଡରୁଥିଲେ । ସେମାନେ କହୁଥିଲେ ଯେ, ବଗିଚାରେ ଭୂତ ଅଛି । ପିଲାମାନେ ଲୁଚି ଲୁଚି ବଗିଚାରେ ପହଞ୍ଚିଲେ । ଚିକୁ ସବୁଠାରୁ ଆଗରେ ଥିଲା । ହଠାତ୍ ଗୋଟିଏ ଆୱାଜ ଶୁଭିଲା । ପିଲାମାନେ ରହିଗଲେ । ସମସ୍ତେ ଜଣେ ଅନ୍ୟଜଣଙ୍କ ହାତକୁ ଜୋର୍ କରି ଧରିଲେ । ଚିକୁ ଓ ତା'ର ଦଳ ଗଛ ପଛପଟେ ପହଞ୍ଚିଗଲେ । ଗଛମୂଳେ କିଏ ଜଣେ ବସିଥିଲା । ସେ ଅଦ୍ଭୁତ ଆୱାଜ କରୁଥିଲା । ପିଲାଙ୍କ ପାଟି ଶୁଣି ଲୋକଟି ବୁଲି ଦେଖିଲା । ପିଲାମାନେ ଏକା ସାଙ୍ଗରେ ପାଟି କଲେ, "ହରିଆ କାକା ଆପଣ ! ଆପଣ ଭୂତ ହୋଇ ଆମକୁ ଡରାଉଥିଲେ ?"

ପ୍ରକୃତରେ ବଗିଚାର ମାଳି ହରିଆ କାକା ହିଁ ଭୂତ ହୋଇ ଲୋକମାନଙ୍କୁ ଡରାଉଥିଲେ । ସେହି ବଗିଚାରେ ସୁନ୍ଦର ସୁନ୍ଦର ଫୁଲ ଓ ବିଭିନ୍ନ ପ୍ରକାରର ଫଳଗଛ ଥିଲା । ସେଥିପାଇଁ କେହି ବଗିଚାକୁ ଆସୁ ବୋଲି ସେ ଚାହୁଁନଥିଲେ ।

ଲେଖକ- ଗୀତାଞ୍ଜଳୀ ପଲ୍ ଚିତ୍ରକାର - ମନୋଜ ଗଡ଼ପଲ

ନୋଟ୍- ଦଳରେ କାହାଣୀ ପଢ଼ି ଆଲୋଚନା କର, ପ୍ରଶ୍ନ ତିଆରି କର ଓ ଜଣେ ଅନ୍ୟଜଣକୁ ପଚାର ।

# ଭୂତ ବଗିଚା

**ଦିଆଯାଇଥିବା ପ୍ରଶ୍ନ ଉପରେ ଦଳରେ ଆଲୋଚନା କର ଓ ଉତ୍ତର ଲେଖ ।**

ପ୍ର. ୧ – ସବୁ ପିଲା ଗଳି ମୁଣ୍ଡରେ କାହିଁକି ଏକାଠି ହୋଇଥିଲେ ?

--------------------------------------------------------------------------------

--------------------------------------------------------------------------------

ପ୍ର. ୨ – 'ବଗିଚା' ଶବ୍ଦ ପଢ଼ି ତୁମ ମନରେ ଯେଉଁ ଯେଉଁ ଶବ୍ଦ ଆସୁଛି, ସେଗୁଡ଼ିକୁ ଲେଖ ।

--------------------------------------------------------------------------------

--------------------------------------------------------------------------------

ପ୍ର. ୩– ମାଳି କାକା ଭୂତ ହୋଇ ସମସ୍ତଙ୍କୁ କାହିଁକି ଡରାଉଥିଲେ ?

--------------------------------------------------------------------------------

--------------------------------------------------------------------------------

ପ୍ର.୪ – ବଗିଚାରେ କେଉଁ କେଉଁ ଫୁଲ ଓ ଫଳ ଗଛ ରହିଥିବ ? ଚିନ୍ତାକର ଓ ଲେଖ ।

--------------------------------------------------------------------------------

--------------------------------------------------------------------------------

ପ୍ର.୫ – ଫୁଲର ବ୍ୟବହାର କେଉଁ କେଉଁ ଉପାୟରେ କରାଯାଏ ଲେଖ ।

--------------------------------------------------------------------------------

--------------------------------------------------------------------------------

## ସୂଚନା ସଂଗ୍ରହ କର ଓ ଲେଖ –

ପ୍ର.୬– ତୁମ ଗାଁରେ କି କି ପ୍ରକାରର ଫୁଲ ଗଛ ଅଛି ? ସେ ବିଷୟରେ ସୂଚନା ସଂଗ୍ରହ କର ଓ ଲେଖ ।

--------------------------------------------------------------------------------

--------------------------------------------------------------------------------

# ସଂଖ୍ୟାଗୁଡ଼ିକର ଖେଳ



ଦଳର ନାମ :                    ତାରିଖ :

ସ୍କୁଲ୍‌ର ନାମ :                    ଦଳର ପିଲାଙ୍କ ନାମ :

**ପ୍ର ୧ . ଖାଲିସ୍ଥାନ ପୂରଣ କର ।**

| ସଂଖ୍ୟା (ଅଙ୍କରେ) | ସଂଖ୍ୟା (ଶବ୍ଦରେ) |
|---|---|
| ୩୩୨ | ତିନି ଶହ ବତିଶି |
| ୪୭୧ | ................. |
| ୮୮୬ | ................. |
| ............... | ଛଅଶହ ସତାଅଶୀ |
| ୫୮୫୬ | .................. |
| ୬୯୪୪ | .................. |

**ପ୍ର ୨ . ଖାଲି ସ୍ଥାନ ପୂରଣ କର ।**

୫୮୬ କେଉଁ ସଂଖ୍ୟାର ପୂର୍ବବର୍ତ୍ତୀ ସଂଖ୍ୟା ଅଟେ ? ☐

୯୦୭୯ ରେ '୦'ର ସ୍ଥାନୀୟ ମାନ କେତେ ହେବ ? ☐

୮୨୭୪ ର ପରବର୍ତ୍ତୀ ସଂଖ୍ୟା କ'ଣ ହେବ ? ☐

୯୪୬ ଏବଂ ୩୦୪୯ ରେ ବଡ଼ ସଂଖ୍ୟା କିଏ ହେବ ? ☐

୬୩୦୭ ର ବିସ୍ତାରିତ ରୂପ ଲେଖ ।

☐

**ପ୍ର୩. ସମାଧାନ କର ।**

୬୨୪ = ☐ + ୧୯

= ☐ + ☐

= ☐ − ☐

= ☐ x ☐

☐ ÷ ☐

**ପ୍ର୪ . ରେଖାଙ୍କିତ ସଂଖ୍ୟାର ସ୍ଥାନୀୟମାନ ଲେଖ ।**

| |
|---|
| ୪<u>୩</u> ରେ '୩'ର ସ୍ଥାନୀୟମାନ = ୩ |
| <u>୭</u>୬ ରେ ....... ର ସ୍ଥାନୀୟମାନ = ....... |
| <u>୧</u>୨୩ ରେ ....... ର ସ୍ଥାନୀୟମାନ = ....... |
| ୨୩<u>୪</u> ରେ ....... ର ସ୍ଥାନୀୟମାନ = ........ |
| <u>୫</u>୪୯ ରେ ....... ର ସ୍ଥାନୀୟମାନ = ......... |
| <u>୭</u>୫୮ ରେ ....... ର ସ୍ଥାନୀୟମାନ = ......... |
| ୩<u>୫</u>୯ ରେ ....... ର ସ୍ଥାନୀୟମାନ = ......... |



ପ୍ର୫. ଘଣ୍ଟାର କଣ୍ଟାକୁ ଦେଖି ସମୟ କୁହ ।



ଘଣ୍ଟା ସଂଖ୍ୟା –୧



ଘଣ୍ଟା ସଂଖ୍ୟା– ୨



ଘଣ୍ଟା ସଂଖ୍ୟା –୩



ଘଣ୍ଟା ସଂଖ୍ୟା –୪

• ଘଣ୍ଟା ନଂ ୨ ରେ କେତେଟା ବାଜିଛି ?

•ତୃତୀୟ ଘଣ୍ଟା ଦ୍ୱିତୀୟ ଘଣ୍ଟା ଠାରୁ କେତେ ଘଣ୍ଟା ଆଗକୁ ଅଛି ?

•ପ୍ରଥମ ଘଣ୍ଟା ତୃତୀୟ ଘଣ୍ଟା ଠାରୁ କେତେ ଘଣ୍ଟା ପଛକୁ ଅଛି ?

•ତୁମେ ସ୍କୁଲ୍‌ରୁ କେତେବେଳେ ଆସ ତାହା ୪ ନମ୍ବର ଘଣ୍ଟାରେ ଦେଖାଅ ?

ପ୍ର୬. ସୁମିତ ଗାଡ଼ିରେ ନିଜ ଘରୁ ବାଲେଶ୍ୱର ଯିବାକୁ ବାହାରିଲା । ୫୦ କିଲୋମିଟର ଯିବାପରେ ଜଳଖିଆ ପାଇଁ ୨୦କିଲୋମିଟର ଫେରିଲା । ଜଳଖିଆ କଲାପରେ ୧୨୦ କିଲୋମିଟର ଗଲା । ତେବେ କୁହ, ସୁମିତ କେତେ କିଲୋମିଟର ଗାଡ଼ି ଚଳାଇଲା ?

ସମାଧାନ :

ପ୍ର୭. ଅଜୟ ଗୋଟିଏ ଦୋକାନରୁ ୩ଟି ସାର୍ଟ କିଣିଲା । ଗୋଟିଏ ସାର୍ଟର ଦାମ୍ ୩୪୫ଟଙ୍କା । ତା'କୁ ପ୍ରତ୍ୟେକ ସାର୍ଟ ଉପରେ ୨୫ଟଙ୍କା କମ୍ ଦେବାକୁ ପଡ଼ିଲେ, ଅଜୟ ଦୋକାନୀକୁ କେତେ ଟଙ୍କା ଦେବ ?

ସମାଧାନ :



# କାହାଣୀ ମାଳା

ଆମ ଗାଁ (୨୦୧୯)

# ନୀଲ ନୀଲ ନିଲୁ

ଗୋଟିଏ ଝିଅ ଥିଲା । ସେ ନିଜ ମାଆଙ୍କ ସହିତ ରହୁଥିଲା । ତାକୁ ନୀଳ ରଂଗ ବହୁତ ଭଲ ଲାଗୁଥିଲା । ସେ ଭାବିବାକୁ ଲାଗିଲା ଯେ ଦୁନିଆରେ କେତେ ଜିନିଷ ନୀଳ ଅଛି ।

ଆକାଶ ନୀଳ ଅଟେ । ସମୁଦ୍ର ପାଣି ନୀଳ ଅଟେ । କିଛି ମାଛ ପୁଣି ନୀଳ ହୋଇଥାନ୍ତି । ବେଳେ-ବେଳେ ନୀଳ ଚଢେଇ ଦେଖିବାକୁ ମିଳିଥାଏ । ମାଆ ମଧ୍ୟ ତାର ନାମ ନୀଲୁ ରଖିଛନ୍ତି ।




ଚିତ୍ରାଙ୍କନ : ମିତାରଣ ହଲଦର

ଲେଖକ : ସାହିଦ ଅନୱର

# ସୁମନ

Remove Watermark N

ସୁମନ ଘରେ ପଢୁଥିଲା । ହଠାତ୍ ତାର ନଜର ବାହାରେ ଥିବା ପାଣି ନଳ ଉପରେ ପଡିଲା । ନଳରୁ ପାଣିର ଟୋପା ତଳେ ପଡୁଥିଲା । ଆଖପାଖର ଚଟାଣ ଓଦା ହୋଇଯାଇଥିଲା ।

ସୁମନ ଗୋଟିଏ ଡାଲ ନଳ ତଳେ ରଖିଦେଲା । ପାଣି ଏବେ ଡାଲରେ ପଡିବାକୁ ଲାଗିଲା । ସୁମନ ପୁଣି ଥରେ ପଢିବାରେ ଲାଗିଗଲା । କିଛି ସମୟ ପରେ ପୁଣି ତାର ନଜର ନଳ ଉପରକୁ ଗଲା । ଡାଲଟି ପାଣିରେ ଭରି ଯାଇଥିଲା । ସୁମନ ଡାଲର ପାଣିକୁ ନେଇ ଫୁଲ ଗଛରେ ଢାଳିଦେଲା ।



ଚିତ୍ରାଙ୍କନ : ପାର୍ଥ ସେନ୍ ଗୁପ୍ତା

ଲେଖକ : ଚଞ୍ଚଳ ଶର୍ମା

Remove Watermark N

# ଗୁଡ଼ି

ବାପା ରାଜେଶ ପାଇଁ **ଗୁଡ଼ି** କିଣି ଆଣିଲେ । ରାଜେଶ **ଗୁଡ଼ିଟିକୁ** ଝରକା ପାଖରେ ରଖିଦେଲା । ରାତିରେ ଜୋରରେ ବର୍ଷା ହେଲା । ସକାଳୁ ରାଜେଶ ଉଠିଲା ବେଳକୁ **ଗୁଡ଼ିଟି** ବର୍ଷାରେ ପୁରାପୁରି ଭିଜି ଯାଇଥିଲା । ରାଜେଶ ଓଦା **ଗୁଡ଼ିଟିକୁ** ଦେଖି ଉଦାସ ହୋଇଗଲା । ସେତିକିବେଳେ ମାଆଙ୍କ ପାଟି ଶୁଣାଗଲା । ମାଆଙ୍କ ହାତରେ ଅଠା, କାଗଜ ଏବଂ **ଖଡ଼ିକା** କାଠି ଥିଲା ।

ଚାଲ, ଆମେ ଆମର **ଗୁଡ଼ି** ତିଆରି କରିବା - ମାଆ କହିଲେ । ଦୁହେଁ ମିଶି ଗୋଟିଏ **ଗୁଡ଼ି** ତିଆରି କରିଦେଲେ । **ଗୁଡ଼ି** ଉପରେ ଲେଖିଲେ - ରାଜେଶ ଓ ମାଆର **ଗୁଡ଼ି** ।



# ଆମ୍ବ ପଡିଲା ଧପ୍...

Remove Watermark N

ବଣରେ ଗଛରୁ ଗୋଟିଏ ଆମ୍ବ ପଡିଲା - ଧପ୍ ! ସବୁ ପଶୁପକ୍ଷୀ ଡରି ଦୌଡିବାକୁ ଲାଗିଲେ । ଆମ୍ବ ସେହିଠାରେ ପଡି ରହିଗଲା । କିଛି ଦିନ ପରେ କେବଳ ଟାକୁଆ ହିଁ ମିଳିଲା । ସମସ୍ତେ ଟାକୁଆକୁ ଦୂରରୁ ହିଁ ଦେଖୁଥିଲେ । ବର୍ଷା ହେଲା, କିନ୍ତୁ ଟାକୁଆ ରହିଥିଲା ।

ଧୀରେ-ଧୀରେ ପତ୍ର ଏବଂ ମାଟି ତାକୁ ଘୋଡାଇ ଦେଲା । କିଛି ଦିନ ଯାଏ ଲଗାତାର ବର୍ଷା ଲାଗିରହିଲା । ତା କିଛି ଦିନ ପରେ ସେହି ଜାଗାରେ ଗୋଟିଏ ଚାରା ବାହାରିଲା । କିଛି ବର୍ଷ ପରେ ତାହା ଏକ ବଡ ଛାଇ ଦେଉଥିବା ଗଛରେ ପରିଣତ ହୋଇଗଲା ।



ଚିତ୍ରାଙ୍କନ : ଇଶିତା ଗାନୁଷି

ସୌଜନ୍ୟ : ଷ୍ଟୋରୀ ଉ୍ଭର

ଲେଖକ : ସର୍ବେନ୍ଦ୍ର ବିକ୍ରମ

Remove Watermark N

# ବବଲିର ଛତା

ବବଲି ଗୋଟିଏ ଛୋଟ କାଗଜ ନେଲା । ପେନ୍‌ସିଲ୍‌କୁ କାଟିଲା କାଗଜ ଉପରେ ଛତା ଚିତ୍ର ତିଆରି କଲା । ସେ କାଗଜକୁ ରଙ୍ଗ କରିବାକୁ ଲାଗିଲା । ରଙ୍ଗ ଭରିବା ସମୟରେ କାଗଜଟି ଚିରି ଗଲା । ଏବେ ସେ ଏକ ପୁରୁଣା ଖବରକାଗଜ ଆଣିଲା । ତାକୁ ଚିରି ସେ ଛତା ତିଆରି କଲା । ତାହା ତାକୁ ଭଲ ଲାଗିଲାନି ।

ଏବେ ବବ୍‌ଲିକୁ ଭୋକ ଲାଗିଲା । ସେ ଗୋଟିଏ କମଳା ଆଣିଲା । ସେ କମଳାରୁ ଚୋପା ଛଡାଇଲା । କମଳାର ଚୋପା ଛତା ଭଳି ଥିଲା । ଚୋପାରେ ବବଲି ପେନସିଲ୍ ପୁରାଇ ଦେଲା । ବବ୍‌ଲିର ଛତା ହୋଇଗଲା ।



ଚିତ୍ରାଙ୍କନ : ମିତ୍ରାରୁଣ ହଲଦର

ଲେଖକ : ଅକ୍ଷୟ ଦିକ୍ଷିତ

# ସି --ସି ସିଟି

Remove Watermark N

ଗୋଟିଏ ଠେଲା ଗାଡିରେ ବହୁତଗୁଡିଏ ପରିବା ରଖାଯାଇଥିଲା । ପରିବାଗୁଡିକ ନିଜ ଭିତରେ କଥା ହେଉଥିଲେ । କିନ୍ତୁ ଭେଣ୍ଡି ଆଜି ବହୁତ ଉଦାସ ଥିଲା ।

ଭେଣ୍ଡିକୁ ଖୁସି କରାଇବା ପାଇଁ ଲାଉ ଶୋଇ-ଶୋଇ ବଇଁଶୀ ବଜାଇଲା । ଭେଣ୍ଡି ହସିଲା ନାହିଁ । ବାଇଗଣ ବସି-ବସି ତବଲା ବଜାଇଲା । ତଥାପି ଭେଣ୍ଡି ହସିଲା ନାହିଁ ।

ଲଙ୍କା ଭାବିବାକୁ ଲାଗିଲା । ତାକୁ ନା ଗୀତ ଆସୁଥିଲା ନା ବାଜା ବଜାଇବା । ଲଙ୍କା ସି-ସି କରି ସିଟି ବଜାଇଲା । ଲଙ୍କାର ସିଟି ବଜାଇବା ଶୁଣି ଭେଣ୍ଡି ହସି ପକାଇଲା । ସବୁ ପରିବା ଖୁସି ହୋଇଗଲେ ଏବଂ ନାଚିବାକୁ ଲାଗିଲେ ।



ଚିତ୍ରାଙ୍କନ : ମିତାରଣ ହାଲଦାର

ଲେଖକ : ସାହିଦ ଅନୱର

Remove Watermark N

# ସାନିଆ ଓ ପ୍ରଜାପତି

ସାନିଆ ରଙ୍ଗ-ବେରଙ୍ଗର ପ୍ରଜାପତି ଦେଖିଲା । ପ୍ରଜାପତିଟି ସାନିଆର ଚାରିପଟେ ଘୁରିବାକୁ ଲାଗିଲା । ବୁଲି-ବୁଲି ପ୍ରଜାପତିଟି ଝରକା ଦେଇ ବାହାରକୁ ପଳାଇଗଲା । ସାନିଆ ପ୍ରଜାପତି ପଛେ ପଛେ ଦୌଡିଲା । ସାନିଆ ଚଢେଇକୁ ପଚାରିଲା - ତୁମେ ମୋ ପ୍ରଜାପତିକୁ ଦେଖିଛ କି ?

ଚଢେଇଟି କହିଲା - ନାହିଁ । ସେ ପାଣି ପିଇବାକୁ ଲାଗିଲା । ସାନିଆ ରାସ୍ତାରେ ପଡିଥିବା ପତ୍ରଗୁଡିକ ସହିତ ଖେଳିବାକୁ ଲାଗିଲା ।

ସାନିଆ.....ସାନିଆ ! ମାଆଙ୍କ ଡାକ ଶୁଣି ସାନିଆ ଘରକୁ ଫେରିଗଲା । ମାଆ ପଚାରିଲେ- କେଉଁଠି ଥିଲୁ ? ମୁଁ....ମୁଁ ପ୍ରଜାପତି ଧରିବାକୁ ଯାଇଥିଲି । ଲାଗୁଛି ପ୍ରଜାପତି ମଧ୍ୟ ତାର ମାଆ ପାଖକୁ ଚାଲିଗଲା ।



# ହାତୀଛୁଆ

Remove Watermark N

ଗୋଟିଏ ହାତୀଛୁଆ ବଣରେ ବୁଲୁଥିଲା । ବୁଲୁ-ବୁଲୁ ତାକୁ ଶୋଷ ଲାଗିଲା । ସେ ଏକୁଟିଆ ନଦୀ ପାଖରେ ଯାଇ ପହଁଞ୍ଚିଲା । ସେଠାରେ ପହଁଞ୍ଚି ସେ ଭାବିଲା ଯେ ପାଣି କିପରି ପିଇବ ?

ନଦୀ ପାଣିରେ ପ୍ରଥମେ ସେ ନିଜର କାନ ବୁଡାଇଲା । ହେଲେ ପାଣି ପିଇ ପାରିଲା ନାହିଁ । ପୁଣି ସେ ନିଜର ଲାଞ୍ଜ ବୁଡାଇଲା । ଏଥର ବି ସେ ପାଣି ପିଇପାରିଲା ନାହିଁ । ସେତିକିବେଳେ ତା ମାଆ ସେଠାରେ ପହଞ୍ଚିଗଲା ।

ସେ ଧୀରେ ଧୀରେ ତା ପାଖକୁ ଆସିଲା । ସେ ନିଜର ଛୁଆର ଶୁଣ୍ଢକୁ ପାଣିରେ ବୁଡାଇଲା । ହାତୀ ଛୁଆ ଢକ-ଢକ କରି ପାଣି ପିଇବାକୁ ଲାଗିଲା ।



ଚିତ୍ରାଙ୍କନ : ମିତ୍ରାରୁଣ ହଲଦର

ଲେଖକ : ସାହିଦ ଅନୱର

Remove Watermark N

# ନଦୀ ଆରପାଖ

ଗୋଟିଏ ଜଙ୍ଗଲରେ ଦୁଇଟି ହରିଣ ରହୁଥିଲେ । ପ୍ରଥମ ହରିଣକୁ ନଦୀ ଆରପାଖରେ ଥିବା ଘାସ ଖାଇବାକୁ ମନ ହେଲା । ସେ ଏହି କଥା ଦ୍ୱିତୀୟ ହରିଣକୁ କହିଲା । ଦ୍ୱିତୀୟ ହରିଣଟି ଡରିଗଲା । ସେ ଯିବାକୁ ମନା କରିଦେଲା ।

କିନ୍ତୁ ପ୍ରଥମ ହରିଣ ଅଟକିଲା ନାହିଁ । ସେ ଚଟାପଟ୍ ନଦୀ ଉପରେ ରହିଥିବା ପଥରଗୁଡ଼ିକ ଉପରକୁ ଡେଇଁ ପଡ଼ିଲା । ଦେଖ କେତେ ସହଜ ନଦୀ ପାର କରିବା ! ତୁମେ ମଧ୍ୟ ଆସ । ଦ୍ୱିତୀୟ ହରିଣ ମଧ୍ୟ ଡେଇଁଲା । କିଛି ହେଲା ନାହିଁ । ପୁଣି ସେ ଦ୍ୱିତୀୟ ବାର ଡେଇଁଲା । ତାର ସାହାସ ବଢ଼ିଗଲା । ସେ ମଧ୍ୟ ନଦୀ ପାର କରିଦେଲା । ଏବେ ଦୁହେଁ ମଜାରେ ଘାସ ଖାଇବାକୁ ଲାଗିଲେ ।



ଚିତ୍ରାଙ୍କନ : ମିତ୍ରାରୁଣ ହାଲଦର     ଲେଖକ : ପୂଜା ଗୌ

# ଆସ ଖେଳିବା

ଏଠାରେ ଭଲିକି ଭଲି ଖେଳ ଦିଆଯାଇଛି । କିଛି ଅକ୍ଷରର, କିଛି ଶବ୍ଦର ଏବଂ କିଛି ବାକ୍ୟର । ସବୁଖେଳ ମଜାଳିଆ ଅଟେ । ଏହାକୁ ପିଲାଙ୍କ ସହ କେଉଁଠାରେ ମଧ୍ୟ ଖେଳାଯାଇପାରିବ - ପଢ଼ିଆରେ, ବାରଣ୍ଡାରେ , ଶ୍ରେଣୀ ଭିତରେ, ଛାତ ଉପରେ, ଗଳି ବା ଗାଁରେ, ଖରା ବା ଛାଇରେ । ଆସ, ମିଳିମିଶି ଖେଳିବା ।

## ସପ୍ତାହ - ୧

### ୧ ଗାଅ ଓ ଘୁରାଅ

ଏହି ଖେଳ ପାଇଁ ଗୋଟିଏ ରୁମାଲ, ଓଢ଼ଣୀ ବା ଛୋଟ ଟାୱେଲ ଯେକୌଣସି ଜିନିଷ ନିଅ । ଯାହା ପିଲା ଜଣେ ଅନ୍ୟ ଜଣଙ୍କୁ ଦେଇ ପାରିବେ । ପିଲାମାନେ ଗୋଲାକାର ହୋଇ ବସିବେ । ସେମାନଙ୍କ ଆଡ଼କୁ ପିଠି କରି ବସି ତାଳି ମାରିବା ଆରମ୍ଭ କର । ତାଳି ସହ ରୁମାଲକୁ ଜଣେ ଅନ୍ୟ ପିଲାର ହାତକୁ ଦେଇ ଚାଲ । ତୁମେ ଯେତେବେଳେ ତାଳି ମାରିବା ବନ୍ଦ କରିବ ସେତେବେଳେ ଯେଉଁ ପିଲା ହାତରେ ରୁମାଲ ଥିବ ତାକୁ କୌଣସି ଗୀତ କବିତା ବା ହସକଥା ଶୁଣାଇବାକୁ ପଡ଼ିବ ।



### ୨ ଅକ୍ଷର ଯୋଡ଼ି

ପ୍ରତ୍ୟେକ ଅକ୍ଷରର ଦୁଇ ଦୁଇଟି ଯୋଡ଼ି ତିଆରି କର । ସେଗୁଡ଼ିକୁ ଏକାଠି କରି ଧାଡ଼ିରେ ଓଲଟାଇ ରଖ । ପାଳି-ପାଳି କରି ପିଲାମାନେ ଦୁଇଟି କାର୍ଡ଼ ଉଠାଇବେ । ତାକୁ ଦେଖି ପୁନର୍ବାର ଓଲଟାଇ ରଖିବେ । ଏଭଳି ଭାବରେ କାର୍ଡ଼ ଖୋଲାଯିବ । ଉଦା- ଯଦି ଗୋଟିଏ ପିଲା 'ଖ' ଓ 'ଟ' କାର୍ଡ଼ ଖୋଲୁଛି ତେବେ ତାକୁ ଓଲଟାଇବା ପୂର୍ବରୁ ଧ୍ୟାନ ରଖିବା ଉଚିତ ଯେ, 'ଖ' ଓ 'ଟ' କାର୍ଡ଼ କେଉଁଠାରେ ଅଛି । ଯେଉଁ ପିଲା ସବୁଠାରୁ ଅଧିକ ଅକ୍ଷର କାର୍ଡ଼ର ଯୋଡ଼ି କରିବ ସେ ବିଜେତା ହେବ ।




### ୩ ମିଶୁଥିବା ଶବ୍ଦ (ଏକାଭଳି)

ଯେକୌଣସି ଗୋଟିଏ ଶବ୍ଦକୁ କଳାପଟାରେ ଲେଖ ଏବଂ ସେହି ଶବ୍ଦ ସହ ମିଶୁଥିବା ଶବ୍ଦ କୁହ ଯେପରି, କାଲୁ, ଭାଲୁ, ମାଲୁ । ପିଲାମାନଙ୍କୁ ଏଭଳି ମିଶୁଥିବା ଶବ୍ଦ କହିବାକୁ କୁହ ଯେପରି 'ମାଳା' ଶବ୍ଦ ସହ ମିଶୁଥିବା ଶବ୍ଦ - ତାଳା, ମାଳା । ପ୍ରତିଦିନ ଅଲଗା ଅଲଗା ମାତ୍ରା ଥିବା ଶବ୍ଦକୁ ନେଇ ଏହି ଖେଳ ମିଶୁଥିବା ଶବ୍ଦ ଅର୍ଥପୂର୍ଣ୍ଣ ଓ ଅର୍ଥହୀନ ଦୁଇଟି ଯାକ ମଧ୍ୟ ହୋଇପାରେ । ଏହାକୁ କଳାପଟା ଓ ତଳେ ମଧ୍ୟ ଲେଖାଯାଇପାରିବ ।




### ୪ ମୁଁ ଦେଖିଲି

କିଛି ସମୟ ନିରବ ରୁହ ଓ ଆଖପାଖର ଜିନିଷକୁ ଦେଖ । ଏବେ କୁହ "ଆଜି ମୁଁ ଦେଖିଲି" ପ୍ରତ୍ୟେକ ପିଲା ପାଳି ପାଳି କରି କହିବେ ଯେ, ସେମାନେ କ'ଣ ଦେଖିଲେ । ପ୍ରତ୍ୟେକ ପିଲା କହୁଥିବା ଜିନିଷ ଅଲଗା ହେବା ଉଚିତ । ଯେପରି- "ମୁଁ ପଙ୍ଖା ଦେଖିଲି" ଯଦି ପିଲାମାନେ ଲେଖିପାରୁଛନ୍ତି ତେବେ ଆଲୋଚନା ପରେ ସବୁ ଜିନିଷର ଏକ ତାଲିକା ତିଆରି କରିବେ । ଏହି ଖେଳକୁ କିଛି ଅଲଗା ଉପାୟରେ ମଧ୍ୟ ଖେଳାଯାଇପାରିବ । ଯେପରି- 'ଲାଲ୍' କହୁଥିବା ପିଲାମାନେ ଏବେ ନିଜ ଆଖପାଖରେ ଥିବା ଲାଲ୍ ରଙ୍ଗର ଜିନିଷ ବିଷୟରେ କହିବେ । "ମୁଁ ଦେଖିଲି ଦିଦିର ଲାଲ୍ ଓଢ଼ଣୀ" "ସୋନୁର ଲାଲ୍ ପାଇଜାମା" "ଲାଲ ବଲ୍" ଇତ୍ୟାଦି ।



### ୫ ଅକ୍ଷର ଡିଆଁ




ତଳେ କିଛି ଘର କାଟି ସେଥିରେ ଅକ୍ଷର ରଖିଦିଅ । ଜଣ ଜଣ କରି ପିଲାଙ୍କ ନାମ ଡାକ । ଅକ୍ଷର କୁହ । ଗୋଲାକାରରେ ଠିଆ ହୋଇଥିବା ପିଲାମାନେ ପାଳି-ପାଳି କରି ସେହି ଅକ୍ଷର ଉପରକୁ ଡେଇଁବେ ।


ସଂକଳନା : ପ୍ରଥମ । ଚିତ୍ରାଙ୍କନ : ରାଜୀବ ବର୍ମା 'ବଂଜାରା'

## ୧ ପବନ ବହୁଛି

ପିଲାମାନେ ଗୋଲାକାରରେ ଠିଆ ହୁଅ । ସମସ୍ତଙ୍କୁ ଗୋଟିଏ ଲେଖାଏଁ ଅକ୍ଷର କାର୍ଡ଼ ମିଳିବ କିନ୍ତୁ କେହି କାହାରିକୁ ଦେଖାଇବେ ନାହିଁ । ମଝିରେ ଯେ କେହି ମଧ୍ୟ ଆସି କହିବ "ପବନ ବହୁଛି" ପିଲାମାନେ କହିବେ, "କେଉଁଠୁ ବହୁଛି" ମଝିରେ ଥିବା ବ୍ୟକ୍ତି କହିବେ, "ଟ ରୁ ବହୁଛି" ଯେଉଁ ପିଲାମାନଙ୍କ ପାଖରେ 'ଟ' ଅକ୍ଷର କାର୍ଡ଼ ଥିବ ସେମାନେ ଗୋଲାକାର ମଝିକୁ ଚାଲିଆସିବେ । ଏବେ ସେମାନଙ୍କୁ 'ଟ'ରୁ ଆରମ୍ଭ ହେଉଥିବା ଶବ୍ଦ କହିବାକୁ ହେବ । ଏହିଭଳି ଭାବରେ ଅଲଗା-ଅଲଗା ଅକ୍ଷରରୁ ପବନ ବହିବ ।



## ୨ କ'ଣ କ'ଣ ଉଡ଼ାଇବ

ପିଲାମାନେ ଗୋଲାକାର ହୋଇ ବସିବେ । ସମସ୍ତେ ନିଜ ହାତର ମଝି ଆଙ୍ଗୁଠିକୁ ତଳେ ରଖିବେ । ତୁମକୁ ଶିଘ୍ର ଶିଘ୍ର କହିବାକୁ ହେବ- ଚଢ଼େଇ ଉଡ଼, ଶୁଆ ଉଡ଼୍ , କପଡ଼ା ଉଡ଼୍ , ଏହା କହି କହି ନିଜ ଆଙ୍ଗୁଠିକୁ ଉଠାଇବାକୁ ପଡ଼ିବ । ପିଲାମାନେ ମଧ୍ୟ ନିଜ ଆଙ୍ଗୁଠି ଉଠାଇ ଚଢ଼େଇ-ଶୁଆ ଉଡ଼ାଇବେ । କିନ୍ତୁ ତୁମେ ଯେତେବେଳେ କହିବ ପାହାଡ଼ ଉଡ଼୍ , ପଙ୍ଖା ଉଡ଼୍ , ତେବେ ପିଲାମାନେ ଆଙ୍ଗୁଠି ଉଠାଇବେ ନାହିଁ । ପାହାଡ଼ ଓ ପଙ୍ଖା କେବେ ଉଡ଼ିଥାଏ କି ? ଶିଘ୍ର ଶିଘ୍ର ବହୁତ ଜିନିଷକୁ ଉଡ଼ାଇବାର ଅଛି ଓ ମଜା ନେବାର ଅଛି । ଯେଉଁ ପିଲାମାନେ ଭୁଲ୍ କରିବେ ସେମାନେ ଖେଳରୁ ବାହାରିଯିବେ ।



## ୩ ଟୋକେଇ ଖେଳ

କିଛି କାଗଜରେ ଅଲଗା ଅଲଗା ଶବ୍ଦ ଲେଖ । କାଗଜ ଗୁଡ଼ିକୁ ଟୋକେଇରେ ରଖ । ଗୋଟିଏ ପିଲା ଆସିବ ଓ କାଗଜ ଉଠାଇବ । କାଗଜରେ ଶବ୍ଦ ଲେଖାଯାଇଛି । ସେହି ଶବ୍ଦଟି କହିବା ସହ ଗୋଟିଏ ବାକ୍ୟ କହିବ । ଏହିଭଳି ଭାବରେ ଖେଳ ଆଗକୁ ବଢ଼ିଚାଲିବ । ଯଦି ଖେଳକୁ ମଜାଦାର କରିବାର ଅଛି ତେବେ ପ୍ରଥମ ପିଲାଟି କହିଥିବା ବାକ୍ୟ ସହ ଦ୍ୱିତୀୟ ପିଲା ଶବ୍ଦକୁ ଯୋଡ଼ି ବାକ୍ୟ ତିଆରି କର ।



## ୪ ମୋର ଶବ୍ଦ ଖୋଜ

ସବୁ ପିଲା ନିଜ ବହିର ଯେକୌଣସି ଗୋଟିଏ ପୃଷ୍ଠା ଖୋଲ । ଜଣେ ପିଲା ନିଜର ମନ ପସନ୍ଦ ଅକ୍ଷର କହିବ । ଯେପରି ସେ କହିବ 'ବ' ତେବେ ସବୁ ପିଲା ନିଜ ନିଜ ପୃଷ୍ଠାରୁ 'ବ' କେତୋଟି ଅଛି ଗଣିକରି କହିବେ । ଯେଉଁ ପିଲା ସବୁଠାରୁ ଅଧିକ 'ବ' ଖୋଜି ପାଇବ ସେ ବିଜେତା ହେବ । ଏବେ ଦ୍ୱିତୀୟ ପିଲାଟି ଅକ୍ଷର କହିବ ବାକି ପିଲାମାନେ ଯେକୌଣସି ନୂଆ ପୃଷ୍ଠା ଖୋଲି ଅକ୍ଷର ଖୋଜିବେ । କିଛି ଦିନ ପରେ ଏହି ଖେଳରେ ଶବ୍ଦ ମଧ୍ୟ ଖୋଜିପାରିବେ ।



## ୫ ଖୋଲି ଯା ସିମ୍‌ସିମ୍



କିଛି କାର୍ଡ଼ ତିଆରି କର । ପ୍ରତ୍ୟେକ କାର୍ଡ଼ ଉପରେ ଗୋଟିଏ ଅକ୍ଷର ଲେଖ । କାର୍ଡ଼ ଗୁଡ଼ିକୁ ଗୋଟିଏ ଥାଳିରେ ରଖ । ଦୁଇଟି ଦଳ କର । ପ୍ରତ୍ୟେକ ଦଳ ଚାରୋଟି ଲେଖାଏଁ କାର୍ଡ଼ ଉଠାଇବେ ସେହି ଅକ୍ଷରରୁ ସେମାନେ ଶବ୍ଦ କହିବେ । ଯେଉଁ ଦଳ ଯେଉଁ କାର୍ଡ଼ ଉଠାଇବେ ସେହି ଅକ୍ଷରରୁ ସେମାନେ ଶବ୍ଦ କହିବେ । ଯେଉଁ ଦଳ ଶିଘ୍ର ଶିଘ୍ର ଅଧିକରୁ ଅଧିକ ଶବ୍ଦ କହିବ, ସେହି ଦଳ ଜିତିବ । ଖେଳି ଚାଲ ଓ ଶବ୍ଦ ଗଢ଼ିଚାଲ ।


ସଂକଳନା : ପ୍ରଥମ । ଚିତ୍ରାଙ୍କନ : ରାଜୀବ ବର୍ମା 'ବଂଜାରା'

## ୧ ଶବ୍ଦର ଅନ୍ତାକ୍ଷରୀ

ତୁମେ ଜାଣିଛ କି ଅନ୍ତାକ୍ଷରୀ କାହାକୁ କୁହାଯାଏ ? ଅନ୍ତାକ୍ଷରୀ ଅର୍ଥ ଶେଷ ଅକ୍ଷରର ଖେଳ । ସବୁ ପିଲା ଗୋଲାକାରରେ ବସିବେ । ଜଣେ ପିଲା ନିଜ ମନ ପସନ୍ଦର ଗୋଟିଏ ଶବ୍ଦ କହିବ ଯେପରି 'କଲମ' ଏବେ ଅଲଗା ପିଲା ଏହାର ଶେଷ ଅକ୍ଷରରୁ ଅର୍ଥାତ୍ 'ମ' ର ନୂଆ ଶବ୍ଦ କହିବ ଯେପରି 'ମଟର' ଏବଂ ଏହିଭଳି ଭାବରେ ଖେଳ ଆଗକୁ ବଢ଼ିଚାଲିବ । ଦୁଇଟ ଦଳ କର ଓ ଖେଳ ଆରମ୍ଭ କର ।



## ୨ ଏକରୁ ଅନେକ

ପିଲାଙ୍କୁ ଯେକୌଣସି ଗୋଟିଏ ଅକ୍ଷର ଦିଅ । ସେମାନଙ୍କୁ କୁହ ଏହି ଅକ୍ଷରରୁ ଆରମ୍ଭ ହେଉଥିବା ଯେତେ ଶବ୍ଦ କହିପାରିବ କୁହ ଯେପରି- ଗୋଟିଏ ପିଲା ପାଖରେ 'କ' ଅକ୍ଷର ଅଛି । ସେ କହିପାରେ- କାନ୍ପୁର, କାନ, କାନ୍ତା, କୁନ୍ତି, କପ୍, କବିତା । ପ୍ରତ୍ୟେକ ଥର ପିଲାଙ୍କୁ ଅଲଗା ଅକ୍ଷର ଦିଅ । ଏହାପରେ ଏହି ଶବ୍ଦଗୁଡ଼ିକୁ କଳାପଟାରେ ଲେଖିପାର ଓ ପିଲାଙ୍କ ଦ୍ୱାରା ସମୂହରେ ପଢ଼ାଇପାର । ଶବ୍ଦକୋଷ ପ୍ରସ୍ତୁତିର ଏହା ସ୍ୱତନ୍ତ୍ର ପ୍ରଣାଳୀ ଅଟେ ।



## ୩ ଚିନ୍ତାକରି ତାଲିକା

ପିଲାଙ୍କୁ ସୂଚୀ ଅର୍ଥାତ୍ ତାଲିକା କରିବାକୁ ବହୁତ ମଜା ଲାଗିଥାଏ । ତେବେ ଡେରି କାହିଁକି ? ଆରମ୍ଭ କରିବା ! ପିଲାଙ୍କର ଛୋଟ ଛୋଟ ଦଳ ଗଠନ କର । ଧ୍ୟାନରେ ରଖ ପ୍ରତ୍ୟେକ ଦଳରେ ଜଣେ ପିଲା ଏଭଳି ଥିବା ଆବଶ୍ୟକ ଯାହାକୁ କି ଲେଖିବା ଆସୁଥିବ। ପ୍ରତ୍ୟେକ ଦଳକୁ ତାଲିକା କରିବା ପାଇଁ ଅଲଗା ଅଲଗା ବିଷୟ ଦିଅ । ଯେପରି- ପଶୁ-ପକ୍ଷୀଙ୍କ ନାମ, ଭାଇ-ଭଉଣୀଙ୍କ ନାମ, କାଠ ଜିନିଷ, ନାପସନ୍ଦ ଖାଦ୍ୟଜିନିଷ, ବାହାଘର ସମୟର ଘରର ଜରୁରୀ ଜିନିଷ---- ପ୍ରଥମେ ଏହି ନାମକୁ ପିଲାମାନେ କହିବେ । ତା'ପରେ ତାଲିକା ତିଆରି କରିବେ। ଏହି ସବୁ ତାଲିକାକୁ ଦେଖି ସମସ୍ତ ଆଶ୍ଚର୍ଯ୍ୟ ହେବେ ଓ ଖୁସି ମଧ୍ୟ ହେବେ । ଏହି ଗତିବିଧିକୁ ତୁମେ ଯଦି ସବୁଦିନ କରିବ ତେବେ ଦେଖୁ ଦେଖୁ ତୁମ କାନ୍ଥ ତାଲିକାରେ ଭରିଯିବ ।

## ୪ ମାତ୍ରାକ୍ଷରର ଖେଳ

**ମାତ୍ରାକ୍ଷରର ତିନୋଟି ଧାଡ଼ି କଳାପଟାରେ ଲେଖିଦିଅ।**

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| କ | କା | କି | କୀ | କୁ | କୂ | କୃ | କେ | କୈ | କୋ | କୌ | କଂ | କଃ | କଁ |
| ଖ | ଖା | ଖି | ଖୀ | ଖୁ | ଖୂ | ଖୃ | ଖେ | ଖୈ | ଖୋ | ଖୌ | ଖଂ | ଖଃ | ଖଁ |
| ଗ | ଗା | ଗି | ଗୀ | ଗୁ | ଗୂ | ଗୃ | ଗେ | ଗୈ | ଗୋ | ଗୌ | ଗଂ | ଗଃ | ଗଁ |

**ଦେଖ ଏଥିରୁ କେତୋଟି ଶବ୍ଦ ତିଆରି ହୋଇପାରିବ.......**

| | | | | | |
|---|---|---|---|---|---|
| କଳା | ହଂସ | କସ | କାକୁ | କସ | କୁକୁ |
| କଂସ | କୁହୁ | କାକି | ସୀସା | ସୁକୁ | କସ |
| ସାହସ | ସାହି | ସେହି | କୈକେଇ | ସୁକ | କାକା |
| କହ | ସହ | ହସ | କସା | ହୁକ | ହସୁ |

## ୫ ଫାୟାର୍ ଇନ୍ ଦ ମାଉଁଣ୍ଟେନ୍



ସବୁ ପିଲା ଗୋଲାକାରରେ ଠିଆ ହେବେ । ଗୋଟିଏ ପିଲା ମଝିରେ ଠିଆ ହୋଇ କହିବ । ଫାୟାର ଇନ୍ ଦ ମାଉଁଣ୍ଟେନ୍ । ପିଲା କହିବେ ରନ୍-ରନ୍-ରନ୍ । ଯେତେ ଶିଘ୍ର ମଝି ପିଲାଟି କହିବ ଫାୟାର ଇନ୍ ଦ ମାଉଁଣ୍ଟେନ୍ କହିବ ସେତେ ଶିଘ୍ର ଅନ୍ୟ ପିଲାମାନେ ରନ୍- ରନ୍-ରନ୍ କହି ଦୌଡ଼ିବେ । ମଝିରେ ଥିବା ପିଲା ଧିରେ କହିବ ଓ ଧିରେ ଦୌଡ଼ିବ । ମଝି ପିଲାର ସ୍ୱର ଓ ଅନ୍ୟ ପିଲାମାନଙ୍କର ବେଗ ମଧ୍ୟରେ ତାଳ ମେଳ ରହିବା ଉଚିତ ।


ସଂକଳନା : ପ୍ରଥମ । ଚିତ୍ରାଙ୍କନ : ରାଜୀବ ବର୍ମା 'ବଂଜାରା'

## ୧ ବାଃ ବାଃ ବାକ୍ୟ

ଗୋଟିଏ ସରଳ ବାକ୍ୟରୁ ଆରମ୍ଭ କର । "ସେ ବାଳକ ଅଟେ ।" ଅନ୍ୟ ପିଲାଟି ଏହି ବାକ୍ୟକୁ ଅଧିକ ବଡ଼ ଓ ସୁନ୍ଦର କରି କହିବ । "ସେ ଭଲ ବାଳକ ଅଟେ । ପରବର୍ତ୍ତୀ ପିଲା ଶବ୍ଦ ଯୋଡ଼ି ଚାଲିବ ଯେପରି "ସେ ଭଲ ବାଳକ ଅଟେ ଓ ସେ ହସୁଛି ।" ଏହାପରେ ସେ ଭଲ ବାଳକଟି ହସୁଛି କାରଣ ଶ୍ରେଣୀରେ ମଜାଦାର କଥାବାର୍ତ୍ତା ଚାଲିଛି । ଏହି ଖେଳ ସେତେ ପର୍ଯ୍ୟନ୍ତ ଚାଲିବ ଯେତେ ପର୍ଯ୍ୟନ୍ତ ବାକ୍ୟକୁ ବଢ଼ା ଯାଇପାରିବ । କିନ୍ତୁ କିଛି ସମୟ ପରେ ତୁମେ ଲକ୍ଷ୍ୟ କରିବ ଯେ ବାକ୍ୟ ଆଉ ବଢ଼ା ଯାଇପାରିବ ନାହିଁ। ତେବେ ପୁନର୍ବାର ଗୋଟିଏ ନୂଆ ବାକ୍ୟରୁ ଆରମ୍ଭ କର । ଏଥିରେ କାହାଣୀ ତିଆରିର କ୍ରିୟା ମଧ କରି ପାରିବ ।



## ୨ ଶବ୍ଦରୁ କାହାଣୀ

ପିଲାଙ୍କୁ ପାଞ୍ଚଟି ଶବ୍ଦ ଦିଅ । ଏହି ଶବ୍ଦରୁ ପିଲାମାନେ ଛୋଟ କାହାଣୀ ତିଆରି କରିବେ ।

ସିଂହ ରଶି

ଜଙ୍ଗଲ ଗୀତ

ଠେକୁଆ

## ୩ ଆଗକୁ ଆଗକୁ କାହାଣୀ ବଢ଼ାଅ

ଆସ, ସମସ୍ତେ ମିଶି ଗୋଟିଏ ମଜାଦାର କାହାଣୀ ତିଆରି କରିବା । ସବୁ ବାକ୍ୟ ସହ ପ୍ରଥମ ବାକ୍ୟର କିଛି ନା କିଛି ସମ୍ପର୍କ ରହିବ । ଏବେ କାହାଣୀକୁ ଆଗକୁ ବଢ଼ାଅ । ପ୍ରଥମେ କହିବ, ତା'ପରେ ଲେଖି କାହାଣୀ ତିଆରି କର । ଲେଖିବା ସହ କିଛି ପିଲା ସେହି କାହାଣୀ ପାଇଁ ଚିତ୍ର ଓ ଶୀର୍ଷକ ମଧ ଚିନ୍ତା କରିପାରିବ । ଯେତେବେଳେ କାହାଣୀ ତିଆରି କରିବାର ଅଭ୍ୟାସ ହୋଇଯିବ ତେବେ ଲେଖିବା ପୂର୍ବରୁ କାହାଣୀ ବିଷୟରେ ନିଶ୍ଚୟ ଆଲୋଚନା କର ।




## ୪ ଚିତ୍ର ଆଧାରରେ କାହାଣୀ ଶୁଣାଇବା

ପିଲାଙ୍କୁ ଚିତ୍ରକାର୍ଡ଼ ଦେଖାଇ କାହାଣୀ ଶୁଣାଇବାକୁ କୁହ । ଚିତ୍ର କ୍ରମରେ ରହିବା ଉଚିତ୍ ଯଦ୍ୱାରା ପିଲାମାନେ ଘଟଣାକ୍ରମକୁ ଯୋଡ଼ି କାହାଣୀ ଶୁଣାଇ ପାରିବେ ।

(ପିଲାଙ୍କ ଦ୍ୱାରା ଶୁଣାଯାଇଥିବା କାହାଣୀକୁ ମଧ ଲେଖିବା ପାଇଁ ପ୍ରୋତ୍ସାହିତ କରାଯାଇପାରିବ)



## ୫ ଏକ ମିନିଟ୍‌ରେ କୁହ



ସବୁ ପିଲାଙ୍କୁ ଅଲଗା-ଅଲଗା ପରିଚିତ ବିଷୟ ଦିଅ। ପିଲାଙ୍କୁ ନିଜ ବିଷୟ ଦିଅ । ପିଲା ନିଜ ବିଷୟ ମଧ ଭାବି ପାରିବ । ପିଲାଙ୍କୁ ୨-୩ ମିନିଟ୍ ସେହି ବିଷୟ ଉପରେ ଚିନ୍ତା କରିବାକୁ କୁହ । ପୁଣି ଏକ ମିନିଟ୍ ସେହି ବିଷୟ ଉପରେ କହିବାକୁ ପ୍ରେରିତ କର ।

ନୋଟ୍ : ପିଲାମାନେ ଯାହା କହୁଛନ୍ତି ତାହାକୁ ଲେଖିବା ପାଇଁ ମଧ କୁହାଯାଇପାରିବ ।



ସଂକଳନା : ପ୍ରଥମ । ଚିତ୍ରାଙ୍କନ : ରାଜୀବ ବର୍ମା 'ବଂଜାରା'

# ଆସ ପଢ଼ିବା

# ଏବଂ

# ପଢ଼ିବାର ମଜା ନେବା ।

ଶବ୍ଦ ଏବଂ ଅନୁଚ୍ଛେଦ ସ୍ତରର ପିଲାଙ୍କ ପାଇଁ

## ଏହି ପୁସ୍ତକ,

୧. ଧାରାପ୍ରବାହରେ ପଢ଼ିବାର ଅଭ୍ୟାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

୨. ପିଲାମାନେ ଦଳରେ ବସି ପଢ଼ିଥିବା ବିଷୟ ଉପରେ ଆଲୋଚନା କରିବାପାଇଁ ପ୍ରସ୍ତୁତ କରାଯାଇଛି ।

୩. ପିଲାଙ୍କୁ ବିଷୟ ଉପରେ କହିବାର ଅଭ୍ୟାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

୪. ପିଲାମାନେ ପଢିଥିବା ବିଷୟକୁ ନେଇ ନିଜସ୍ୱ ଧାରଣା ସମସ୍ତଙ୍କୁ କହିବା ପାଇଁ ପ୍ରସ୍ତୁତ କରାଯାଇଛି ।

୫. ପିଲାଙ୍କ ଦ୍ୱାରା ପ୍ରଶ୍ନ ପଚାରିବା ପାଇଁ ପ୍ରସ୍ତୁତ କରାଯାଇଛି ।

୬. ପିଲାଙ୍କ ଦ୍ୱାରା ପ୍ରଶ୍ନଗୁଡିକର ଉତ୍ତର ଲେଖିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ଫୁଲ





ଫୁଲ ଅନେକ ରଙ୍ଗର ହୋଇଥାଏ।

ଫୁଲର ଆକାର ମଧ୍ୟ ଅଲଗା-ଅଲଗା ହୋଇଥାଏ।

ଗୋଲାପକୁ ଫୁଲମାନଙ୍କର ରାଜା କୁହାଯାଏ।

କିଛି ଫୁଲରୁ ବାସ୍ନା ଆସିଥାଏ।

କିଛି ଫୁଲର ବାସ୍ନା ଆସି ନଥାଏ।

ଭାରତର ରାଷ୍ଟ୍ରୀୟ ଫୁଲ ପଦ୍ମ ଅଟେ।

ବହୁ ପ୍ରକାର ଫୁଲ ଦିନରେ ଫୁଟିଥାଏ।

କିଛି ଫୁଲ ରାତିରେ ମଧ୍ୟ ଫୁଟିଥାଏ।

୧. ଭାରତର ରାଷ୍ଟ୍ରୀୟ ଫୁଲ କଣ ?

______________________________

______________________________

୨. ଫୁଲର ଆକାର କିପରି ହୋଇଥାଏ ?

(କ) ବଡ଼ (ଖ) ସାନ (ଗ) ଅଲଗା-ଅଲଗା (ଘ) ଲମ୍ବା

# ଫଳ



କିଛି ଫଳ ଚୋପା ସହିତ ଖିଆଯାଏ । କିଛି ଫଳକୁ ଚୋପା ଛଡ଼ାଇ ଖିଆଯାଏ। କିଛି ଫଳ ମଞ୍ଜି ସହିତ ଖିଆଯାଏ । କିଛି ଫଳକୁ ମଞ୍ଜି ବାହାର କରି ଖିଆଯାଏ।

୧. ଉପରେ ଦିଆଯାଇଥିବା ଦୁଇଟି ଫଳର ସ୍ୱାଦଉପରେ ଗୋଟିଏ-ଗୋଟିଏ ବାକ୍ୟ ଲେଖ।

_______________________________________________

_______________________________________________

_______________________________________________

_______________________________________________

୨. ଚୋପା ଛଡ଼ାଇ ଖିଆଯାଉଥିବା ଫଳର ନାମ ବାଛ।

(କ) ଆମ୍ବ, କଦଳୀ (ଖ) ଆମ୍ବ, କମଳା

(ଗ) ପିଜୁଳି, କମଳା (ଘ) କଦଳୀ, କମଳା

# ଉପଯୋଗୀ ଗଛ



ଗଛ ବହୁତ ଉପଯୋଗୀ ହୋଇଥାଏ । ଗଛରୁ କାଠ ମିଳିଥାଏ । ଗଛରୁ ଛାଇ ମିଳିଥାଏ । ଗଛରୁ ଫଳ ମିଳିଥାଏ । ଗଛଲତାକୁ ବନସ୍ପତି କୁହାଯାଏ ।

୧. ଗଛରୁ ଆମକୁ ଖାଇବା ପାଇଁ କେଉଁ ଜିନିଷ ମିଳିଥାଏ ?

(କ) ଡାଲି, ଫଳ (ଖ) ଶୁଖିଲା କାଠ

(ଗ) ଛାଇ, କାଠ (ଘ) ଚାଉଳ, ଛାଇ

# ଚେର କ'ଣ କରିଥାଏ ?



ଚେର ଗଛଲତାଗୁଡିକୁ ମଜବୁତ ପ୍ରଦାନ କରିଥାଏ । ଏହା ମାଟିରୁ କ୍ଷାର ଏବଂ ପାଣି ଶୋଷଣ କରି ତାକୁ କାଣ୍ଡ ପର୍ଯ୍ୟନ୍ତ ପହଞ୍ଚାଇଥାଏ । କାଣ୍ଡ ତାକୁ ପତ୍ର, ଫୁଲ ଏବଂ ଫଳ ପର୍ଯ୍ୟନ୍ତ ପହଞ୍ଚାଇଥାଏ ।

୧. ଚିତ୍ରରେ ସୂର୍ଯ୍ୟ କାହିଁକି ଦେଖାଯାଇଛି ? ଗୋଟିଏ ବାକ୍ୟରେ ଲେଖ ।

________________________________

________________________________

୨. ଚେର କାଣ୍ଡ ପର୍ଯ୍ୟନ୍ତ କ'ଣ ପହଞ୍ଚାଇଥାଏ ?

(କ) ପତ୍ର ପହଞ୍ଚାଇଥାଏ । (ଖ) ପାଣି ପହଞ୍ଚାଇଥାଏ ।

(ଗ) ଫଳ ପହଁଞ୍ଚାଇଥଏ । (ଘ) ପବନ ପହଞ୍ଚାଇଥାଏ ।

# ସୌରଜଗତ



ସୂର୍ଯ୍ୟ ଏକ ତାରା ଅଟେ।

ଆମେ ପୃଥିବୀରେ ରହୁ।

ସୌରଜଗତରେ ମୋଟ ୮ଟି ଗ୍ରହ ଅଛନ୍ତି।

ସୂର୍ଯ୍ୟର ସବୁଠାରୁ ନିକଟରେ ବୁଧ ଅଛି।

ଏହା ସବୁଠାରୁ ସାନ ଗ୍ରହ ଅଟେ।

ପୃଥିବୀ ସୌରଜଗତର ତୃତୀୟ ଗ୍ରହ ଅଟେ।

ଆମକୁ ସୂର୍ଯ୍ୟଠାରୁ ଆଲୋକ ଏବଂ ଉତ୍ତାପ ମିଳିଥାଏ।

୧. ଆମକୁ ସୂର୍ଯ୍ୟଠାରୁ କ'ଣ ମିଳେ ?

___

___

୨. ସବୁଠାରୁ ସାନ ଗ୍ରହର ନାମ କ'ଣ ?

(କ) ବୁଧ (ଖ) ପୃଥିବୀ (ଗ) ଶନି (ଘ) ମଙ୍ଗଳ

# ଚାଷ



ଚାଷ ପାଇଁ ଉର୍ବର ଭୂମି ହେବା ଆବଶ୍ୟକ । କୃଷକ ହଳ ଦ୍ୱାରା ଭୂମି କର୍ଷଣ କରିଥାଏ । ହଳ କାଠ କିମ୍ବା ଲୁହାରେ ତିଆରି ହୋଇଥାଏ । ହଳ କରିବାଦ୍ୱାରା ମାଟି ହାଲୁକା ହୋଇଥାଏ ।

ଭଲ ଫସଲ ପାଇଁ ଅନୁକୂଳ ବାତାବରଣ ହେବା ଆବଶ୍ୟକ । ବହୁତ ଅଧିକ ବର୍ଷା ଦ୍ୱାରା ଫସଲ ହାନୀ ହୋଇଥାଏ । ବହୁତ ଥଣ୍ଡା ପଡ଼ିଲେ ମଧ ଫସଲର ହାନୀ ହୋଇଥାଏ । ଭୀଷଣ ଖରାରେ ମଧ ଫସଲ ହାନୀ ହୋଇଥାଏ ।

୧. କୃଷକ ଚାଷ ପାଇଁ କେଉଁ ଯନ୍ତ୍ରର ବ୍ୟବହାର କରିଥାଏ ?

________________________________

________________________________

୨. ଅନୁକୂଳ ବାତାବରଣ କାହାକୁ କୁହାଯାଏ ?

________________________________

________________________________

# କୋଇଲି



କୋଇଲିର ରଙ୍ଗ କଳା ଅଟେ । ଏହାର ଆକାର କୁଆ ଠାରୁ ଟିକିଏ ସାନ ଅଟେ । ଏହାର ଲାଞ୍ଜ ଲମ୍ବା ଅଟେ । ଥଣ୍ଟ ଫିକା ହଳଦିଆ ଏବଂ ସାଗୁଆ ରଙ୍ଗର ଅଟେ । ଗ୍ରୀଷ୍ମ ଦିନରେ କୋଇଲି କୁହୁ କୁହୁ ଧ୍ୱନୀ ଲଗାତାର ଶୁଣାଇଥାଏ । କୋଇଲିକୁ କଦଳୀ, ପୋକଜୋକ ତଥା ବରଗଛର ଫଳ ପସନ୍ଦ ଅଟେ । କୋଇଲି ନିଜର ବସା ତିଆରି କରେ ନାହିଁ । ଅନ୍ୟ ପକ୍ଷୀମାନଙ୍କ ବସାରେ ବିଶେଷତଃ କାଉର ବସାରେ ସେ ଅଣ୍ଡା ଦେଇଥାଏ । ଅଣ୍ଡାର ରଙ୍ଗ ବାଦାମୀ ଏବଂ ଶାଗୁଆ ହୋଇଥାଏ । କୁଆ ହିଁ କୋଇଲିର ଅଣ୍ଡା ଉଷୁମାଇ ଛୁଆକୁ ପାଳିଥାଏ ।

୧. କୋଇଲି ନିଜର ବସା କାହିଁକି ତିଆରି କରେନାହିଁ ?

# ମୟୂର



ମୟୂରକୁ ପକ୍ଷୀମାନଙ୍କର ରାଜା କୁହାଯାଏ । ମୟୂର ବହୁତ ସୁନ୍ଦର ହୋଇଥାଏ । ତାର ଗୋଡ଼ ବହୁତ ପତଳା ହୋଇଥାଏ । ଏହି ଗୋଡ଼ ତାର ରଙ୍ଗୀନ ଡେଣା ତଥା ମୁଣ୍ଡର ସୁନ୍ଦର ଚୂଳକୁ ମୋଟେ ଶୋଭା ଦିଏ ନାହିଁ କିନ୍ତୁ ତାର ଏହି ଗୋଡ଼ ବହୁତ ମଜବୁତ ଅଟେ । ଗୋଡ଼ର ପଛ ଭାଗରେ ଗୋଟିଏ ଗୋଜିଆ ନଖ ରହିଥାଏ ଯାହାଦ୍ୱାରା ସେ ନିଜକୁ ଶତ୍ରୁଠାରୁ ରକ୍ଷା କରିଥାଏ । ଯେତେବେଳେ ବିଲୁଆ, କୋକିଶିଆଳୀ ପରି ପଶୁ ମୟୂରର ଛୁଆକୁ ଶିକାର କରିବାକୁ ଚେଷ୍ଟା କରନ୍ତି ସେତେବେଳେ ମୟୂର ନିଜର ଥଣ୍ଟରେ ସେମାନଙ୍କର ଆଖି ଫୁଟାଇଦିଏ । ମୟୂର ଆଗରେ ସାପ ମଧ କିଛି କରିପାରେ ନାହିଁ । ମୟୂର ତ ରାଜା ଅଟେ, ସେ ତ ବାହାଦୂର ହିଁ ହେବ ।

୧. ମୟୂରର ଚିତ୍ର ତିଆରି କର ।

୨. ମୟୂର କେଉଁ ଦୁଇଟି ଜିନିଷକୁ ନିଜର ରକ୍ଷା ପାଇଁ ଉପଯୋଗ କରିଥାଏ ?

(କ) ଚୂଳ, ଥଣ୍ଟ (ଖ) ଡେଣା, ଚୂଳ

(ଗ) ଥଣ୍ଟ, ଡେଣା (ଘ) ଥଣ୍ଟ, ଗୋଡ଼

# ଗଛର ଅବୟବ





ମୁଣ୍ଡ, ହାତ, ପାଦ, ପେଟ ଏହା ସବୁ ମାନବ ଶରୀରର ଅବୟବ ଅଟନ୍ତି । ସେହିପରି ଚେର, କାଣ୍ଡ, ଫଳ, ଫୁଲ, ପତ୍ର, ଗଛର ଅବୟବ ଅଟେ ।

ଚେର ମାଟିର ତଳେ ରହିଥାଏ ।

କାଣ୍ଡ ମାଟିର ଉପରେ ବଢ଼ିଥାଏ ।

କାଣ୍ଡରେ ପତ୍ର,ଫୁଲ, ଫଳ ହୋଇଥାଏ ।

ଫଳରେ ମଞ୍ଜି ରହିଥାଏ ।

ମଞ୍ଜିରୁ ନୂଆ ଚାରା ହୋଇଥାଏ ।

୧. ଗଛର ଅବୟବ ଲେଖ ।

___________________________________________

___________________________________________

___________________________________________

___________________________________________

# ଶୁଆ



ଶୁଆର ରଙ୍ଗ ସାଗୁଆ ହୋଇଥାଏ । ତାହାର ଥଣ୍ଟ ଲାଲ ଏବଂ ମୁନିଆଁ ହୋଇଥାଏ । ତାର ବେକରେ ଲାଲ ଗାର ରହିଥାଏ । ଶୁଆ ମିଠୁ-ମିଠୁ ଏପରି କହିଥାଏ । ଶୁଆକୁ ପିଜୁଳି ବହୁତ ପସନ୍ଦ ଅଟେ । କିଛି ଲୋକ ଶୁଆକୁ ପିଞ୍ଜରାରେ ରଖିଥାନ୍ତି । ତାକୁ ସାଗୁଆ ଲଙ୍କା ଏବଂ ଭିଜା ମଟର ଚଣା ଖାଇବାକୁ ଦେଇଥାନ୍ତି । ଶୁଆ ବହୁତ ସୁନ୍ଦର ଦେଖାଯାଏ । ତାର କଥା ବହୁତ ମିଠା ହୋଇଥାଏ। କିନ୍ତୁ ମୋତେ ଲାଗୁଛି ଯେ, ତାକୁ ପିଞ୍ଜରାରେ ରଖିବା ଠିକ୍ ନୁହେଁ । ମୋ ଘର ଆଗରେ ଗୋଟିଏ ବଡ଼ ଗଛ ଅଛି । ସନ୍ଧ୍ୟାରେ ସେଠାରେ ଶୁଆମାନେ ଏକାଠି ହୁଅନ୍ତି । ଶୁଆମାନେ ଯେତେବେଳେ ଏକା ସାଥିରେ ଗୋଟିଏ ଧାଡ଼ିରେ ଉଡ଼ନ୍ତି ସେତେବେଳେ ତାହା ଗୋଟିଏ ସୁନ୍ଦର ହାର ଭଳି ଦେଖାଯାଏ ।

୧.  କ'ଣ ଶୁଆକୁ ପିଞ୍ଜରାରେ ରଖିବା ଆବଶ୍ୟକ ? ଦୁଇଟି ବାକ୍ୟରେ ଲେଖ।

___

___

୨.  ଶୁଆ କ'ଣ ଖାଏ ?

(କ) ପିଜୁଳି, ରୁଟି, ଲଙ୍କା  (ଖ) ପିଜୁଳି, ଲଙ୍କା, ଚଣା

(ଗ) ଭାତ, ଡାଲି, ସେଓ  (ଘ) ଡାଲି, ପିଜୁଳି, ରୁଟି

# ଚକ







ମଣିଷ ଚକର ଆବିଷ୍କାର କଲା ।

ଚକ କାରଣରୁ ମାନବର ପ୍ରଗତି ହେଲା ।

ଚକ କାରଣରୁ ଯିବାଆସିବା କରିବା ସହଜ ହୋଇଗଲା ।

ଛୋଟ-ବଡ଼ ସମସ୍ତ ଯନ୍ତ୍ରରେ ଚକର ବ୍ୟବହାର ହୋଇଥାଏ ।

ସାଇକେଲ, ଘଣ୍ଟା, ଚରଖା, ଅଟା କଳ, ରାମଦୋଳି ଏପରି କିଛି ଯନ୍ତ୍ର ଅଟେ ।

୧. ଯେତେବେଳେ ଚକ ନଥିଲା ସେତେବେଳେ ଯିବାଆସିବା କିପରି ଚାଲୁଥିବ ? ଦୁଇଟି ବାକ୍ୟରେ ଲେଖ ।

# ସ୍ୱଚ୍ଛତାର ଅଭ୍ୟାସ





ଭଲ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତାର ଆବଶ୍ୟକ ହୋଇଥାଏ । ଏହା ସତ ଅଟେ କିନ୍ତୁ ବାରମ୍ବାର ସ୍ୱଚ୍ଛତା କାହିଁକି କରିବାକୁ ପଡ଼େ ? ମୋ ମାଆ ତ ନା ! ସକାଳୁ ଉଠିବାକ୍ଷଣି ଦାନ୍ତ ସଫା କର, ରାତିରେ ଶୋଇବା ପୂର୍ବରୁ ମଧ ତାହା । ଶୌଚାଳୟରୁ ଆସିବା ପରେ ମୁଁ ହାତ ଠିକ୍ ଭାବରେ ଧୋଇଛି କି ନାହିଁ ଏବଂ ଗାଧୋଇଲା ପରେ ତ ମୋର ପରୀକ୍ଷା କରାଯାଏ । ଅନୁଶାସନ ! ମୁଁ ବିରକ୍ତ ହୋଇଗଲିଣି । ହେଲେ ମୁଁ କଣ କରିପାରିବି, ମୋତେ ଲାଗୁଛି ମୋ ମାଆ ପରି ବିରକ୍ତ କରିବାଭଳିଆ କାହାର ମାଆ ହୋଇନଥିବେ । କିନ୍ତୁ ସେହି ଦିନ ଗୋଟିଏ ଘଟଣା ହେଲା, ବିଦ୍ୟାଳୟକୁ ଡାକ୍ତର ଆସିଥିଲେ । ଯେଉଁ ଡାକ୍ତର ଆମର ପରୀକ୍ଷା କଲେ ସେ ସମ୍ପୂର୍ଣ୍ଣ ଶ୍ରେଣୀ ଆଗରେ ମୋର ଦାନ୍ତର ପ୍ରଶଂସା କଲେ ଏବଂ ମୁଁ ଉଠିପଡ଼ିଲି । ମୋତେ ଲାଗିଲା ସତେ ଯେମିତି ମୋ ମାଆ ମୋ ଆଗରେ ଠିଆ ହୋଇଛି । ମୋତେ ମୋ ମାଆର କଥା ମନେପଡ଼ିଲା ।

୧. ତୁମେ ସକାଳୁ କେତେବେଳେ ଉଠ ? ମାଆ ଉଠାନ୍ତି ନା ତୁମେ ନିଜେ ଉଠିଥାଅ ?

# ପାଣି



ପାଣି ଜୀବନ ପାଇଁ ଉପଯୋଗୀ ଅଟେ । ପିଇବା ପାଇଁ, ରୋଷେଇ କରିବା ପାଇଁ, ଚାଷ କରିବା ପାଇଁ, କାରଖାନା ପାଇଁ, ସଫାସୁତୁରା ଭଳି ବିଭିନ୍ନ କାମପାଇଁ ପାଣି ଆବଶ୍ୟକ ଅଟେ । ବର୍ଷାଦିନେ ପାଣି ବର୍ଷିଥାଏ କିନ୍ତୁ ଅଧିକାଂଶ ପାଣି ବୋହିଯାଏ । ଏଥିପାଇଁ ବନ୍ଧ ତିଆରିକରି ପାଣିକୁ ଅଟକାଇବା ଆବଶ୍ୟକ। ଯାହାଫଳରେ ମାଟି ପାଣିକୁ ଶୋଷଣ କରିପାରିବ ଏବଂ ପାଣି ସମସ୍ୟା କମ୍ ହେବ । ନଦୀର ପାଣିକୁ ଉପଯୋଗ କରିବାପାଇଁ ନଦୀରେ ବନ୍ଧ ତିଆରି କରାଯାଏ । ବନ୍ଧର ଅପର ପାର୍ଶ୍ୱରେ ବଡ଼ ପୋଖରୀ ତିଆରି ହୋଇଥାଏ।

୧. ତୁମର ଆଖପାଖରେ କୌଣସି ନଦୀବନ୍ଧ ଅଛି କି ? ଯଦି ହଁ ତେବେ ତାହାର ନାମ କ'ଣ ? ଯଦି ନାହିଁ ତେବେ କାହାକୁ ପଚାରି ଯେକୌଣସି ନଦୀବନ୍ଧର ନାମ ଲେଖ।

---

---

୨. ପାଣିର ସମସ୍ୟା କମ୍ ହେବାପାଇଁ କ'ଣ ମହତ୍ତ୍ୱପୂର୍ଣ୍ଣ ଅଟେ ?

(କ) ଚାଷ କରିବା (ଖ) ସଫାସଫି କରିବା

(ଗ) ମାଟିର ପାଣି ଶୋଷଣ କରିବା

(ଘ) ବଡ଼ ପୋଖରୀ ତିଆରି କରିବା

# ଜୋକର



ସର୍କସରେ ସମସ୍ତଙ୍କୁ ହସାଇବା ପାଇଁ ଜୋକର ରହିଥାନ୍ତି । ଲାଲ ନାକ, ବିଚିତ୍ର ରଙ୍ଗବେରଙ୍ଗର ପୋଷାକ, ଲମ୍ବା ଟୋପୀ, ହାତରେ ବାଡ଼ି ଏପରି ଅଜବ ଦେଖାଯାଉଥିବା ଜୋକର୍ ହୋଇଥାଏ । ଜୋକର ଆମକୁ କଉତିକିଆ, ଅଦ୍ଭୁତ ଖେଳ ଦେଖାଇଥାଏ । ତାର ଯେତେ ପ୍ରଶଂସା କଲେ ମଧ ସେତେ କମ୍ ହେବ । ସେ ସର୍କସରେ ବାଘ-ସିଂହ ସହିତ ଖେଳ ଦେଖାଇଥାଏ । ସେ ଘୋଡ଼ା ଉପରେ ବସି କସରତ କରିଥାଏ, ଜାଦୁ ଦେଖାଇଥାଏ ଏବଂ ଦୋଳି ଉପରେ ମଧ କସରତ କରିପାରେ । ଜୋକର ପ୍ରକୃତରେ ସର୍କସର ଗର୍ବ ଅଟେ ।

୧.  ସର୍କସରେ ଜୋକର୍ କ'ଣ କରିଥାଏ ?

ପ୍ରଥମ

# କମାଲ୍

## Combined Activities for Maximized Learning

### ୩ରୁ ୫ମ ଶ୍ରେଣୀ



# ପ୍ରସ୍ତାବନା

ଯେମିତି କି ଆମେ ଜାଣିଛେ ଯେ ଆମ ବିଦ୍ୟାଳୟରେ କିଛି ଏପରି ପିଲା ଥାଆନ୍ତି ଯାହାଙ୍କର ପଢ଼ିବା ଏବଂ ଶିଖିବାର ସ୍ତର ସେମାନଙ୍କ ଶ୍ରେଣୀ ଅନୁସାରେ ହୋଇ ନଥାଏ । ମହାମାରୀ କାଳରେ ଏହି ସମ୍ଭାବନା ଆହୁରି ଅଧିକ ବଢ଼ି ଯାଇଛି । ଏଥିପାଇଁ ଏହା ଚିନ୍ତା କରିବା କଥା ଯେ ଯଦି ସେମାନଙ୍କର ମୂଳଦୁଆ ଦୁର୍ବଳ ହେବ ତେବେ ସେମାନେ ନିଜର ଶ୍ରେଣୀର ଅନ୍ୟ ବିଷୟକୁ କିପରି ପଢ଼ିପାରିବେ ଏବଂ ପଢ଼ିକରି କିପରି ବୁଝିପାରିବେ ? ତେଣୁ ସେହିଭଳି ପିଲାଙ୍କ ସହିତ ପଠନ ଓ ଲିଖନ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଆମକୁ ଅଧିକ ଧ୍ୟାନର ସହିତ କାମ କରିବାର ଅଛି । ଏଥିପାଇଁ ଆମେ କାହାଣୀ ଶୁଣାଇବା, ଶୁଣିବା, ସେମାନଙ୍କ ସହିତ ଅଧିକ ସମୟ ବିତାଇବା ସହିତ ବିଭିନ୍ନ ଖେଳ ମାଧ୍ୟମରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉପରେ ନିରନ୍ତର ପ୍ରୟାସ କରିବା ଉଚିତ୍ ।

# ପଢିବା ଓ ଲେଖିବା ଶିଖିବା ପାଇଁ କିଛି ଆବଶ୍ୟକୀୟ ତଥ୍ୟ

'ପଢିବା' କଣ ଅଟେ ? କଣ କିଛି ଅକ୍ଷରକୁ ଏକା ସହିତ ଯୋଡିକରି ଶବ୍ଦରେ ଉଚ୍ଚାରଣ କରିବା ହିଁ ପଢିବା ଅଟେ ? 'ପଢିବା' କେବଳ ଏତିକି ନୁହେଁ ବଂର ଯେକୌଣସି ବିଷୟକୁ ପଢି ନିଜର ଅନୁଭବ ସହିତ ଯୋଡିକରି ବୁଝିବାକୁ ହିଁ ପଢିବା କୁହାଯାଇଥାଏ । କୌଣସି ପାଠକୁ ଜଲଦି-ଜଲଦି ଏବଂ ସଠିକ ଭାବରେ ପଢିବା, ପଢିକରି ବୁଝିବାର ଏକ ପାହାଚ/ସ୍ତର ଅଟେ । ପାଠକୁ ପଢିକରି ବୁଝିବା ପାଇଁ ପାଠକୁ ନିଜ ଜୀବନ ଏବଂ ପୂର୍ବ ଅନୁଭବ ସହିତ ଯୋଡିବା ଆବଶ୍ୟକ ହୋଇଥାଏ । ଏଥିପାଇଁ କୁହାଯାଏ ଯେ ଲିଖିତ ଭାଷାକୁ ହିଁ ନୁହେଁ ବଂର ତାହାର ଅର୍ଥକୁ ବୁଝିବାକୁ 'ପଢିବା' କୁହାଯାଏ । ଏପରି ହୋଇନଥାଏ ଯେ ପିଲାଟି ପ୍ରଥମେ ପଢିବା ଶିଖେ ଏବଂ ପରେ ଏହାକୁ ବୁଝିବା ଶିଖେ ତେଣୁ ଏହି ନିର୍ଦ୍ଦେଶିକା ରେ ଏହି ଦୁଇ ବିଷୟ ଉପରେ ଧ୍ୟାନ ଦିଆଯାଇଛି ଯେ ପିଲାମାନେ ଧାରାପ୍ରବାହରେ ପଢିବା ସହିତ ସେହି ପାଠକୁ ବୁଝିକରି ପଢନ୍ତୁ ।

କ'ଣ ଆମର ବିଦ୍ୟାଳୟର ପ୍ରତ୍ୟେକ ପିଲାର ପଢିବା ସ୍ତର ତାହାର ଶ୍ରେଣୀ ଅନୁଯାୟୀ ଅଟେ ? ବୋଧହୁଏ ନା । ସର୍ବଦା ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀରେ ଥାଇ ମଧ୍ୟ ବହୁତ ପିଲା ସରଳ କାହାଣୀ/ପାଠକୁ ବୁଝିବା ସହିତ ସଠିକ୍ ଗତିରେ ନିର୍ଭୁଲ ଭାବରେ ପଢିପାରନ୍ତି ନାହିଁ । ସରଳ ପାଠକୁ ବୁଝିକରି ପଢିବା ଏକ ମୌଳିକ ଦକ୍ଷତା ଅଟେ ଏବଂ ଏହା ବ୍ୟତୀତ ପାଠ୍ୟପୁସ୍ତକର ଅନ୍ୟ ବିଷୟକୁ ପଢିବା ପ୍ରାୟତଃ ଅସମ୍ଭବ ଅଟେ । ଏଥିପାଇଁ ଯେତେ ଶିଘ୍ର ହେଉ ପିଲାଙ୍କର ମୌଳିକ ଦକ୍ଷତାକୁ ସୁଦୃଢ଼ କରାଯିବା ଆବଶ୍ୟକ ଅଟେ । କମାଲର ଏହି ପ୍ୟାକେଜ୍‌ରେ ଏହି ସମସ୍ୟାର ସମାଧାନ ରହିଛି । ଯେଉଁ ପିଲାମାନେ ଏହି ଦକ୍ଷତାଗୁଡିକୁ ଏବେ ପର୍ଯ୍ୟନ୍ତ ହାସଲ କରି ପାରି ନାହାନ୍ତି ।

# ମୌଳିକ ସ୍ତର-୧ (ପ୍ରାରମ୍ଭିକ, ଅକ୍ଷର, ଶବ୍ଦ)

**ଲକ୍ଷ୍ୟ ରଖାଯାଇଥିବା ଦଳ :**

କ୍ୟାମ୍ପରେ ୧ ମ ରୁ ୫ ମ ଶ୍ରେଣୀର ସେହି ପିଲାଙ୍କୁ ସାମିଲ କରାନ୍ତୁ ଯେଉଁମାନଙ୍କର ପଢିବାର ସ୍ତର ପ୍ରାରମ୍ଭିକ, ଅକ୍ଷର ଓ ଶବ୍ଦ ରହିଛି ।

**ଲକ୍ଷ୍ୟ**

ଆମର ଲକ୍ଷ୍ୟ ଏହା ଯେ ଲର୍ଣ୍ଣିଂ କ୍ୟାମ୍ପ ଶେଷରେ ସମସ୍ତ ପିଲା ବୁଝିକରି ସରଳ କାହାଣୀ/ପାଠକୁ ଧାରାପ୍ରବାହରେ ପଢି ପାରନ୍ତୁ, ସହଜତାର ସହିତ ଯେକୌଣସି ବିଷୟ ଉପରେ କହି ପାରନ୍ତୁ ଏବଂ ନିଜର ଚିନ୍ତାଧାରାକୁ ଲିଖିତ ରୂପେ ବ୍ୟକ୍ତ କରିପାରନ୍ତୁ ।

## ପ୍ରତିଦିନ କରାଯିବାକୁ ଥିବା ଗତିବିଧି

| | | |
|---|---|---|
| ଗପସପ ଗତିବିଧି | ୧୦ ମିନିଟ୍ | ପୋଷ୍ଟର୍ ସାହାଯ୍ୟରେ ଓ ଅନ୍ୟାନ୍ୟ ବିଷୟରେ ଗପସପ କରିବା । |
| କାହାଣୀ ପଢିବା ଓ ତା ସମ୍ବନ୍ଧିତ ଗତିବିଧି | ୨୦ମିନିଟ୍ | ଗପସପ୍, କାହାଣୀ ପଠନ ଓ କାହାଣୀ ସମ୍ବନ୍ଧୀୟ ଗତିବିଧି |
| ଅଲଗା-ଅଲଗା ସ୍ୱରକୁ ନେଇ ମାତ୍ରାକ୍ଷର ସହିତ ଖେଳ | ୨୦ ମିନିଟ୍ | ଅଲଗା-ଅଲଗା ସ୍ୱରର ଗତିବିଧି ମାତ୍ରାକ୍ଷର ସହିତ କରାନ୍ତୁ । |
| ଖେଳ | ୧୫ ମିନିଟ୍ | ସ୍ତରାନୁସାରେ ଖେଳ (ପ୍ରାରମ୍ଭିକ, ଅକ୍ଷର ଓ ଶବ୍ଦ) |
| ଲିଖନ | ୧୫ ମିନିଟ୍ | ଯେକୌଣସି ବିଷୟ ଉପରେ ଆଲୋଚନା କରିବା, ଲେଖିବା ଓ ତା'ର ସମୀକ୍ଷା ବା ଯାଞ୍ଚ କରିବା । |

## ଗପସପ୍

**ଉଦ୍ଦେଶ୍ୟ:**

ପିଲାମାନେ ଆତ୍ମବିଶ୍ୱାସର ସହିତ ନିଜର ଆଖପାଖ ଓ ନିଜର ପରିବେଶ ବିଷୟରେ ଅନ୍ୟ ଆଗରେ ନିଜର ମତାମତକୁ ରଖିପାରିବେ ଏବଂ ନିଜର ପୂର୍ବ ଜ୍ଞାନ ଆଧାରକରି ସେହି କଥାକୁ ନୂତନ ଚିନ୍ତାଧାରା ସହିତ ଯୋଡି ପାରିବେ ।

**ଶ୍ରେଣୀରେ ପିଲାଙ୍କ ସହିତ ପ୍ରତିଦିନ ଯେକୌଣସି ଗୋଟିଏ ବିଷୟ ଉପରେ କଥାବାର୍ତ୍ତା/ ଗପସପ୍ କରନ୍ତୁ ।**

ପୋଷ୍ଟରକୁ ବ୍ୟବହାର କରି ପିଲାଙ୍କ ସହିତ କଥାବାର୍ତ୍ତା କରନ୍ତୁ । ତାହାଛଡ଼ା ଯେପରି – ଆଜି ମୁଁ କ'ଣ ଖାଇଛି, ଆଜି ବହୁତ ଥଣ୍ଡା ଲାଗୁଛି, ଆଜି ବର୍ଷା ହୋଇପାରେ । ଆଜି କୁହୁଡ଼ି ପଡ଼ିପାରେ ଆଦି । ପିଲାଙ୍କୁ ନିଜର ଏହି କଥାବାର୍ତ୍ତାରେ ସାମିଲ୍ କରନ୍ତୁ ଏବଂ ସେମାନଙ୍କୁ ବହି ବିଷୟ ଉପରେ ନିଜର ଅନୁଭବ କହିବାକୁ କୁହନ୍ତୁ । ଏହିଭଳି ଭାବରେ ପ୍ରତ୍ୟେକ ଦିନ ଅଲଗା-ଅଲଗା ବିଷୟ ଉପରେ କଥାବାର୍ତ୍ତା କରନ୍ତୁ । ଯେପରି କାହାଣୀକୁ ଶୁଣିବା-ଶୁଣେଇବା, ଖୁସିଥିବା ସମୟରେ ମନ କ'ଣ କରିବାକୁ ଇଚ୍ଛା କରେ ? ପିଲାଙ୍କୁ ବତାନ୍ତୁ ଏବଂ ସେମାନଙ୍କୁ ପଚାରନ୍ତୁନ ଲକ୍‌ଡାଉନ୍‌ର ଅନୁଭୂତି ବିଷୟରେ କଥାବାର୍ତ୍ତା କରନ୍ତୁ ।

# କାହାଣୀ ପଢିବା

**ପିଲାଙ୍କ ପଢିବା ସ୍ତର ଯାହା ଥାଉ ନା କାହିଁକି, ସେମାନଙ୍କ ସହିତ କାହାଣୀ ସମ୍ବନ୍ଧୀତ ବିଭିନ୍ନ ପ୍ରକାରର ଗତିବିଧିଗୁଡିକୁ କରିବାଦ୍ୱାରା ପିଲାଙ୍କଠାରେ ଶୁଣିବା, ବୁଝିବା, କହିବା, ପଢିବା ଏବଂ ଲେଖିବାର ଦକ୍ଷତାର ବିକାଶ ହୋଇଥାଏ ଏବଂ ସେମାନଙ୍କର ଶବ୍ଦ ଭଣ୍ଡାର ବୃଦ୍ଧି ହୋଇଥାଏ ।**

**ଗୋଟିଏ କାହାଣୀକୁ ଅତିକମ୍‌ରେ ୨ ଦିନ ବ୍ୟବହାର କରନ୍ତୁ । ପ୍ରତ୍ୟେକ ପିଲାଙ୍କ ପାଖରେ ନିଜ-ନିଜର କାହାଣୀ ବହି ରହିଥିବ ।**

- .କାହାଣୀ ପଢିବା ପୂର୍ବରୁ କାହାଣୀର ଚିତ୍ର ଓ ନାମ ଉପରେ ଚର୍ଚ୍ଚା କରନ୍ତୁ । ପିଲାମାନଙ୍କ ସହିତ ଏଭଳି ଚର୍ଚ୍ଚା ବା କଥାବାର୍ତ୍ତା କରନ୍ତୁ -ଚିତ୍ରରେ କଣ ଦେଖାଯାଉଛି, କିଏ କଣ କରୁଛି, କାହାଣୀର ଚିତ୍ର ଓ ନାମ ଅନୁସାରେ କାହାଣୀରେ କଣ ହୋଇଥିବ ଆଦି । ଧ୍ୟାନରେ ରଖନ୍ତୁ କେବଳ ପ୍ରଶ୍ନ-ଉତ୍ତର  ଯେପରି ନ ହୁଏ ବରଂ ଅଧିକରୁ ଅଧିକ କଥାବାର୍ତ୍ତା ବା ଚର୍ଚ୍ଚା ହେଉ । ( ଏହାଦ୍ୱାରା ପିଲାଙ୍କର କଳ୍ପନା ଓ ଅନୁମାନ ଲଗାଇବା କ୍ଷମତାର ବିକାଶ ହୋଇଥାଏ ।) ପିଲାଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେ ସେମାନେ ନିଜେ ପ୍ରଶ୍ନ ତିଆରି କରନ୍ତୁ ଏବଂ ପଚାରନ୍ତୁ ।
- ଶିକ୍ଷକ କାହାଣୀକୁ ସ୍ପଷ୍ଟ ଉଚ୍ଚାରଣ ଓ ସଠିକ୍ ସ୍ୱରରେ ଭାବ-ଲୟର ସହିତ ପଢିକରି ଶୁଣାଇବେ, ଯଦ୍ୱାରା ପିଲାଙ୍କଠାରେ "ଆଦର୍ଶ  ପଠନ" ର ବୋଧଶକ୍ତି ହୋଇପାରିବ । ଧ୍ୟାନରେ ରଖିବେ ଯେ ପିଲାମାନେ ଆପଣଙ୍କ ପଛେ-ପଛେ ଯେପରି ପାଳି ନ ଧରନ୍ତି । ପଛେ-ପଛେ ପାଳି ଧରିଲେ ସେମାନେ କାହାଣୀକୁ ଘୋଷି ପକାଇଥାନ୍ତି ।
- କାହାଣୀ ପଢିବା ପରେ ଶିକ୍ଷକ କାହାଣୀକୁ ଆଧାର କରି ଅଲଗା-ଅଲଗା ପ୍ରକାରର ଯେପରି - ତଥ୍ୟ, ଆନୁମାନିକ, ଶବ୍ଦ ଭଣ୍ଡାର, ବିଚାର, ନିର୍ଣ୍ଣୟ ଏବଂ ମତାମତ ଦେବା ଭଳି ପ୍ରଶ୍ନ ପଚାରନ୍ତୁ । ଚେଷ୍ଟା କରନ୍ତୁ ଯେ ପିଲାମାନେ ଅଧିକରୁ ଅଧିକ ଚିନ୍ତାକରି ଉତ୍ତର ଦିଅନ୍ତୁ । (ଯେତେବେଳେ କାହାଣୀ ଉପରେ ଚର୍ଚ୍ଚା ହୋଇଥାଏ ସେତେବେଳେ ପିଲାଙ୍କଠାରେ କାହାଣୀ ପ୍ରତି ରୁଚି ବଢିଥାଏ । ଏହାଦ୍ୱାରା କାହାଣୀ ଶୁଣିକରି ବୁଝିବା (Listening Comprehension) ର କ୍ଷମତା ସହିତ ସମ୍ବନ୍ଧ ପଢିକରି ବୁଝିବାର କ୍ଷମତା(Reading Comprehension)ଦ୍ୱାରା ହେବାକୁ ଲାଗେ ।
- କଥାବାର୍ତ୍ତା/ଗପସପ ଏବଂ ଭାବ-ଲୟରେ କାହାଣୀ ପଢିବା ପରେ ଶିକ୍ଷକ କାହାଣୀର ପ୍ରତ୍ୟେକ ଶବ୍ଦ ଉପରେ ଅଙ୍ଗୁଳି ରଖିକରି ଧୀର ଗତିରେ ପଢିବେ । କାହାଣୀ ପଢିବା ସମୟରେ ଏହା ଧ୍ୟାନରେ ରଖନ୍ତୁ ଯେ ପ୍ରତ୍ୟେକ ପିଲା ପାଖରେ ନିଜର କାହାଣୀ ବହି ଥିବ ଏବଂ ସେମାନେ ମଧ୍ୟ ପାଠ ଉପରେ ଅଙ୍ଗୁଳି ଚାଳନା କରିବେ । ପିଲାମାନେ ପଛେ ପଛେ ପଢିବେ ନାହିଁ । ( ପାଠ ଉପରେ ଅଙ୍ଗୁଳି ଚାଳନା କରିବା ଦ୍ୱାରା ଧ୍ୱନି/ଚିହ୍ନ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇଥାଏ ଏବଂ ଭାଷାର ଲିଖିତ ରୂପକୁ ବୁଝିବା ସହଜ ହୋଇଥାଏ ।
- ଶିକ୍ଷକ ପଢାଇଥିବା କାହାଣୀକୁ ଛୋଟ-ଛୋଟ ଦଳରେ ପିଲାଙ୍କୁ ପଢିବା ପାଇଁ ଦିଅନ୍ତୁ ।
- ଶିକ୍ଷକ ପ୍ରତ୍ୟେକ ଦଳର ଯେକୌଣସି ଗୋଟିଏ ପିଲାକୁ ପଢିବାକୁ କହିବେ । ଏଥିପାଇଁ "ଏବେ କିଏ ପଢିବ ?" ଯେପରି ବାକ୍ୟର ପ୍ରୟୋଗ କରିବେ । ପ୍ରତିଦିନ ଅଲଗା-ଅଲଗା ପିଲାଙ୍କୁ ପଢିବାର ସୁଯୋଗ ଦିଅନ୍ତୁ । ପଢିବା ପରେ ପିଲାଙ୍କୁ ସାବାସୀ ନିଶ୍ଚୟ ଦିଅନ୍ତୁ । ( ସାବାସୀ ଦେବାଦ୍ୱାରା ପିଲାମାନେ ପ୍ରେରିତ ହୋଇଥାନ୍ତି ଏବଂ ପଢିବା ପାଇଁ ଚେଷ୍ଟା କରିଥାନ୍ତି ।)
- ପିଲାଙ୍କୁ କାହାଣୀରେ ଆସିଥିବା ଅନେକ ମନପସନ୍ଦର ଶବ୍ଦଗୁଡିକ ଉପରେ ଗୋଲ ବୁଲାଇବାକୁ କୁହନ୍ତୁ ବା ଖୋଜିବାକୁ କୁହନ୍ତୁ । ପିଲାମାନଙ୍କୁ ସେହି ଶବ୍ଦଗୁଡିକୁ କଳାପଟାରେ/ଚଟାଣରେ ଲେଖିବାକୁ ମଧ୍ୟ  କୁହନ୍ତୁ । (କିଛି ଦିନ ପରେ ଶିକ୍ଷକ କାହାଣୀର କିଛି ଶବ୍ଦ ବା ବାକ୍ୟ କହିବେ, ପିଲାମାନେ ସେହି ବାକ୍ୟଗୁଡିକୁ କାହାଣୀରୁ ଖୋଜିକରି ଦେଖାଇବେ ।)